# ତ୍ରୁଟିଶୂନ୍ୟ, ସ୍ୱଚ୍ଛ ନିର୍ବାଚନ ପରିଚାଳନା ଉପରେ ଗୁରୁତ୍ୱ

## ପ୍ରସ୍ତୁତି ସମୀକ୍ଷା କଲେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ

ଭଦ୍ରକ,୨୪।୫(ସନାତନ ରାଉତ)

ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ସାଧାରଣ ନିର୍ବାଚନ ପ୍ରସ୍ତୁତି ନେଇ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ସମୀକ୍ଷା କରିଛନ୍ତି। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସ୍ୱତନ୍ତ୍ର ସାଧାରଣ ପର୍ଯ୍ୟବେକ୍ଷକ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବାଧିକାରୀ ଯୋଗେନ୍ଦ୍ର ତ୍ରିପାଠୀ, ସ୍ୱତନ୍ତ୍ର ପୋଲିସ ପର୍ଯ୍ୟବେକ୍ଷକ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ରଜନୀକାନ୍ତ ମିଶ୍ର ଏବଂ ସ୍ୱତନ୍ତ୍ର ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାରତୀୟ ରାଜସ୍ୱ ସେବାଧିକାରୀ ହିମାଳିନୀ କାଶ୍ୟପ ଯୋଗଦେଇ ପ୍ରଶାସନିକ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ସାଧାରଣ ପର୍ଯ୍ୟବେକ୍ଷକ ଭଗବତୀ ପ୍ରସାଦ କାଲାଲ



ସମୀକ୍ଷା ବୈଠକରେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକଙ୍କ ସହ ଅଧିକାରୀମାନେ।

ଓ ଅଭିଚଲ ଚତୁର୍ବେଦୀ, ପୋଲିସ ଅବ୍‌ଜର୍‌ଭର ଅଶୋକ କୁମାର, ଖର୍ଚ୍ଚ ପର୍ଯ୍ୟବେକ୍ଷକ ଆର୍‌ଭି ଅରୁଣ ପ୍ରସାଦ, ରଣବୀର ଭୌମିକ, ଜିତେସ୍ କୁମାର ଜୈନ, ଏସ୍‌ପି ବରୁଣ ଗୁଣ୍ଟୁପାଲି ପ୍ରମୁଖ ଜିଲା ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ ଉପସ୍ଥାପନ କରିଥିଲେ। ତ୍ରୁଟିଶୂନ୍ୟ, ଅବାଧ, ସ୍ୱଚ୍ଛ ନିର୍ବାଚନ ପରିଚାଳନା ପ୍ରତି ସଦାସର୍ବଦା ଯତ୍ନବାନ ରହିବାକୁ ସ୍ୱତନ୍ତ୍ର ସାଧାରଣ ପର୍ଯ୍ୟବେକ୍ଷକ ତ୍ରିପାଠୀ ସମସ୍ତ ରିଟର୍ନିଂ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ନିର୍ବାଚନ କାର୍ଯ୍ୟରେ ସମସ୍ତ ରିଟର୍ନିଂ ଅଧିକାରୀଙ୍କ ଅଭିଜ୍ଞତା ପଚାରି ବୁଝିଥିଲେ। ମତଦାନ ହେବାକୁ ଥିବା ୧୩୧୨ଟି ବୁଥ୍‌ର ଅବସ୍ଥିତି, ନିୟୋଜିତ ପୋଲିଂ ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କାର୍ଯ୍ୟକ୍ରମ, ଇଭିଏମ୍ ଷ୍ଟ୍ରଙ୍ଗରୁମ୍, ବିତରଣ କେନ୍ଦ୍ର, ଗଣତି କେନ୍ଦ୍ରର ଅବସ୍ଥିତି ଓ ପ୍ରସ୍ତୁତି ନେଇ ବୁଝିଥିଲେ। ରିଟର୍ନିଂ ଅଧିକାରୀ ଭାବେ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି ଏବଂ ସମ୍ବିତ କୁମାର ଗଡ଼ନାୟକ, ସିଡିଓ ସରୋଜ କୁମାର ଦତ୍ତ, ଉପଜିଲାପାଳ ମନୋଜ ପାତ୍ର, ଅତିରିକ୍ତ ଉପଜିଲାପାଳ ଶ୍ୟାମଳ ରାୟଙ୍କ ସହ ଡେପୁଟି କଲେକ୍ଟର(ନିର୍ବାଚନ) ସାଗରିକା ସାହୁ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଓ ନୋଡାଲ ଅଧିକାରୀମାନେ ବୈଠକରେ ଯୋଗ ଦେଇଥିଲେ।

# ମନମୋହନଙ୍କ ପ୍ରଚାରରେ ନେତା, ଅଭିନେତା


ଶୋଭାଯାତ୍ରାରେ ଭାଜପା ବିଧାୟକ ପ୍ରାର୍ଥୀ ମନମୋହନ ସାମଲଙ୍କ ସହ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ଅଭିନେତା ସିଦ୍ଧାନ୍ତ ମହାପାତ୍ର ଓ ଅନ୍ୟମାନେ।

ଚାନ୍ଦବାଲି,୨୪।୫ (କିଷାନ ପାତ୍ର)

ନିର୍ବାଚନ ଯେତିକି ପାଖେଇ ଆସୁଛି ଚାନ୍ଦବାଲି ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରଚାର ସେତିକି ସରଗରମ ହେଉଛି। ଭାଜପା ପକ୍ଷରୁ ପ୍ରଚାରକୁ ଜୋରଦାର କରାଯାଇଛି। ଶୁକ୍ରବାର ଭାଜପାର ବିଧାୟକ ପ୍ରାର୍ଥୀ ମନମୋହନ ସାମଲଙ୍କ ପ୍ରଚାରରେ ନେତା ଓ ଅଭିନେତା ସାମିଲ ହୋଇଥିଲେ। ଖେରଙ୍ଗ ବଜାରଠାରେ ଆୟୋଜିତ ବିଶାଳ ବାଇକ୍ ଶୋଭାଯାତ୍ରାରେ ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ଅଭିନେତା ତଥା ଦଳୀୟ ନେତା ସିଦ୍ଧାନ୍ତ ମହାପାତ୍ର ପ୍ରମୁଖ ମନମୋହନଙ୍କ ପାଇଁ ପ୍ରଚାର କରିଛନ୍ତି। ଖୋଲା ଜିପ୍‌ରେ ଖେରଙ୍ଗସ୍ଥିତ ପାର୍ଟି କାର୍ଯ୍ୟାଳୟରୁ ବାହାରି ଖେରଙ୍ଗ, ଘଟପୁର ଓ ମାଧପୁର ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ସିଦ୍ଧାନ୍ତଙ୍କୁ ଦେଖିବା ପାଇଁ ରାସ୍ତାରେ ଭିଡ଼ ଜମିଥିବା ବେଳେ କିଛି ଜାଗାରେ ଲୋକେ ଗାଡ଼ି ଅଟକାଇ ସେଲ୍ଫି ମଧ୍ୟ ନେଇଥିଲେ। ଏଥର ଓଡ଼ିଶାରେ ସାଧାରଣ ଲୋକ ନିର୍ବାଚନ ଲଢୁଛନ୍ତି। ଓଡ଼ିଶାର ଲୋକ ସ୍ୱାଭିମାନୀ। ଏଥର ଦୁଇଟି ପଦ୍ମଫୁଲ ଚିହ୍ନରେ ଭୋଟ ଦେଇ ବିକାଶର ଗାଡ଼ିକୁ ଓଡ଼ିଶାରେ ଦ୍ରୁତଗତିରେ ଆଗେଇ ନେବେ ବୋଲି ସମୀର କହିଥିଲେ। ଭାଜପାର ଭଦ୍ରକ ଲୋକ ସଭା ପ୍ରଚାର କମିଟି ଅଧ୍ୟକ୍ଷ ଅଜୟ କୁମାର ନାୟକ, ଜିଲା କୃଷକ ମୋର୍ଚ୍ଚା ସଭାପତି ଅଶୋକ ରାଉଳ, ଉପେନ୍ଦ୍ର ରାଉଳ, ପ୍ରଭାସ ଶୁଭଦର୍ଶନ ମହାନ୍ତି, ପ୍ରଶାନ୍ତ ମାଝୀ, ମୀନକେତନ ବିଶ୍ୱାଳ, ରବୀନ୍ଦ୍ର ଦାସ, ପ୍ରତାପ ରାୟ, ବିଜୟ ପାଢ଼ୀ, ସ୍ମିତିରଞ୍ଜନ ନାୟକ ପ୍ରମୁଖ ପ୍ରଚାରରେ ସାମିଲ ଥିଲେ।

# ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ଜୟନ୍ତୀ

ବାସୁଦେବପୁର,୨୪।୫
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁରରେ ପୂର୍ବତନ ମୁଖ୍ୟମନ୍ତ୍ରୀ, ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନୀଳମଣି ରାଉତରାୟଙ୍କ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ବାସୁଦେବପୁରସ୍ଥିତ ସ୍ୱର୍ଗତ ରାଉତରାୟଙ୍କ ପ୍ରତିମୂର୍ତ୍ତିରେ ତାଙ୍କ ନାତି ତଥା ବିଧାୟକ ବିଷ୍ଣୁବ୍ରତ ରାଉତରାୟ ମାଲ୍ୟାର୍ପଣ କରିଥିଲେ। ବାସୁଦେବପୁର ଅଞ୍ଚଳର ବିଭିନ୍ନ ବର୍ଗର ଲୋକେ ଜୟନ୍ତୀ ଉତ୍ସବରେ ସାମିଲ ହୋଇଥିଲେ। ପୂର୍ବତନ ସରପଞ୍ଚ ଦୀନବନ୍ଧୁ ଦାସ, ପୌରପାଳିକା ଭାଇସ୍ ଚେୟାରମ୍ୟାନ ଉତ୍ତମ କୁମାର ବାରିକ, ସାମାଜିକ କର୍ମୀ ଶ୍ୟାମସୁନ୍ଦର ମହାନ୍ତି ପ୍ରମୁଖ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# ବିଜେଡିର ସଂକଳ୍ପ ସମାବେଶ


ବରଣ୍ଡୁଆରେ ଅନୁଷ୍ଠିତ ସମାବେଶରେ ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟ ପ୍ରଚାର କରୁଛନ୍ତି।

ବାସୁଦେବପୁର,୨୪।୫
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକର ବରଣ୍ଡୁଆ ପଞ୍ଚାୟତ ମୁନିପଡ଼ିଆଠାରେ ଶୁକ୍ରବାର ବିଜେଡି ପକ୍ଷରୁ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାବେଶରେ ବିଜେଡିର ଭଦ୍ରକ ଏମ୍‌ପି ପ୍ରାର୍ଥିନୀ ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ଭୋଟ ଭିକ୍ଷା କରିଥିଲେ। ବାସୁଦେବପୁର, ଭଦ୍ରକ ସଂସଦୀୟ କ୍ଷେତ୍ରରେ ବିଗତ ୫ ବର୍ଷରେ ଯେଉଁ ଉନ୍ନତି ହୋଇଛି, ତାହା ଲୋକଙ୍କ ମନକୁ ଛୁଇଁଛି ବୋଲି ମଞ୍ଜୁଲତା କହିଥିଲେ। ସେହିପରି ବାସୁଦେବପୁର ନିର୍ବାଚନମଣ୍ଡଳୀରେ ଯେଉଁ ବିକାଶ ହୋଇଛି, ତାହା ଲୋକଙ୍କ ମଧ୍ୟରେ ଅଧିକ ବିଶ୍ୱସନୀୟତା ବୃଦ୍ଧି କରାଇବା ସହ ଭୋଟରଙ୍କ ଭଲପାଇବା ବଢ଼ାଇଥିବା ବିଷ୍ଣୁବ୍ରତ ମତ ରଖିଥିଲେ।

ପୂର୍ବତନ ସରପଞ୍ଚ ବସନ୍ତ ମଞ୍ଜରୀ ବିଶ୍ୱାଳ, ପୂର୍ବତନ ଜିଲା ପରିଷଦ ସଭ୍ୟ ସୂର୍ଯ୍ୟକାନ୍ତ ସେଠୀ, ଯୁବ ବିଜେଡି ଜିଲା ସାଧାରଣ ସମ୍ପାଦକ ସୌଭାଗ୍ୟ ବିଶ୍ୱାଳ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ପଣ୍ଡା, ପୂର୍ବତନ ସମିତିସଭ୍ୟ ସୁରେନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଥିଲେ। ଏହି ସଭାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ସେହିପରି ଆରୁହା ପଞ୍ଚାୟତରେ ବିଧାୟକ ପ୍ରାର୍ଥୀ ଏକ ରୋଡ୍‌ଶୋ' କରି ଶକ୍ତି ପ୍ରଦର୍ଶନ କରିଥିଲେ। ନଇଛଣପୁର ଗ୍ରାମରେ ଆଶୀର୍ବାଦ ସମାବେଶରେ ଏମ୍‌ପି ଓ ବିଧାୟକ ପ୍ରାର୍ଥୀ ଭୋଟଭିକ୍ଷା କରିଥିଲେ। ସମିତିସଭ୍ୟ ସୁରେନ୍ଦ୍ର ବେଜ ସଭାପତିତ୍ୱ କରିଥିବା ବେଳେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ସରପଞ୍ଚ ରାଜେନ୍ଦ୍ର ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ଭୋଟରଙ୍କୁ ଭେଟି ସମସ୍ୟା ବୁଝୁଛନ୍ତି ସ୍ୱାଧୀନ ପ୍ରାର୍ଥୀ

ଭଦ୍ରକ,୨୪।୫(ସନାତନ ରାଉତ)

ନିର୍ବାଚନ ଆଉ ମାତ୍ର ୬ ଦିନ ବାକିଥିବା ବେଳେ ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀମାନେ ରୋଡ୍ ଶୋ', ବାଇକ୍ ଶୋଭାଯାତ୍ରା ସହ ଷ୍ଟାର ପ୍ରଚାରକମାନଙ୍କୁ ଆଣି ସଭା ସମିତି କରୁଥିବା ବେଳେ ଭଦ୍ରକ ବିଧାନସଭା ନିର୍ବାଚନମଣ୍ଡଳୀର ସ୍ୱାଧୀନ ପ୍ରାର୍ଥୀ ମହେନ୍ଦ୍ର ତିଆଡ଼ି ଘର ଘର ବୁଲି ଭୋଟରଙ୍କୁ ଭେଟୁଛନ୍ତି। କାହାକୁ ସାଙ୍ଗରେ ନ ନେଇ ଏକୁଟିଆ ଲୋକଙ୍କ ଘରେ ପହଞ୍ଚି ସେମାନଙ୍କ ସମସ୍ୟା ଓ ସେହି ଅଞ୍ଚଳର ମୁଖ୍ୟ ସମସ୍ୟା ବିଷୟରେ ଅବଗତ ହେଉଛନ୍ତି। ଗୁରୁବାର ନିର୍ବାଚନମଣ୍ଡଳୀ ଅଧୀନ କାଉପୁର, ଦୈସିଂ ପଞ୍ଚାୟତରେ ପ୍ରଚାର ବେଳେ ସେହି ଅଞ୍ଚଳର ବିଭିନ୍ନ ସମସ୍ୟା ବାବଦରେ ଭୋଟରଙ୍କଠାରୁ ସେ ଅବଗତ ହୋଇଥିଲେ। ବୃଦ୍ଧ ଓ ମହିଳା ଭୋଟରମାନେ ତାଙ୍କ ସହ ମନଖୋଲା କଥା ହେବା ସହ ନିଜ ଅଞ୍ଚଳର ସମସ୍ୟା ବିଷୟରେ ଜଣାଇଥିଲେ ବୋଲି ସେ କହିଛନ୍ତି।

ସେନା ବାହିନୀରେ ଚାକିରି କରିଥିବା ବେଳେ ଦେଶର ସୁରକ୍ଷା ପାଇଁ କାମ କରିଥିଲେ। ଏବେ ଦେଶର ଗଣତନ୍ତ୍ରର ସୁରକ୍ଷା ଲାଗି ପ୍ରାର୍ଥୀ ହୋଇଛନ୍ତି। ଲୋକଙ୍କ ସମସ୍ୟାକୁ ସେ ପ୍ରାଥମିକତା ଦେଉଛନ୍ତି। ଭୟ ଓ ପ୍ରଲୋଭନର ଶିକାର ହୋଇ ଜଣେ ଭୋଟର ମୂଲ୍ୟବାନ ଭୋଟ ଉପଯୁକ୍ତ ପ୍ରାର୍ଥୀଙ୍କୁ ଦେଇପାରୁ ନ ଥିବାରୁ ଗଣତନ୍ତ୍ର ଅବକ୍ଷୟମୁଖୀ ହେଉଛି। ସୁସ୍ଥ ଗଣତନ୍ତ୍ର ଗଠନ ପାଇଁ ଶିକ୍ଷିତ ଯୁବ ଭୋଟରମାନେ ସଚେତନ ହେବା ନିହାତି ଜରୁରୀ ବୋଲି ମହେନ୍ଦ୍ର କହିଛନ୍ତି।


ଭୋଟରଙ୍କ ସହ ସ୍ୱାଧୀନ ପ୍ରାର୍ଥୀ ମହେନ୍ଦ୍ର ତିଆଡ଼ି।

# ପଞ୍ଚାୟତ କଂଗ୍ରେସ କାର୍ଯ୍ୟାଳୟ ଉଦ୍‌ଘାଟିତ

ଧାମନଗର,୨୪।୫
(ସନ୍ତୋଷ କୁମାର ମହାପାତ୍ର)

ଧାମନଗର ନିର୍ବାଚନମଣ୍ଡଳୀ ଅଧୀନ ଭଗବାନପୁର ପଞ୍ଚାୟତସ୍ତରୀୟ କଂଗ୍ରେସ କାର୍ଯ୍ୟାଳୟ ପ୍ରଧାନ କମ୍ପ୍ଲେକ୍ସ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଭଦ୍ରକ ଲୋକ ସଭା ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀ ଯୋଗଦେଇ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଭଗବାନପୁର ପଞ୍ଚାୟତ କଂଗ୍ରେସ ସଭାପତି ରଘୁନାଥ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏମ୍‌ପି ପ୍ରାର୍ଥୀ ଅନନ୍ତ କହିଥିଲେ, ଓଡ଼ିଶାରେ ଦୀର୍ଘ ୨୪ ବର୍ଷ ଶାସନ କାଳରେ ଧାମନଗରରେ ସେମିତି କୌଣସି ଆଖିଦୃଶିଆ କାର୍ଯ୍ୟ କରାଯାଇ ନାହିଁ। ଧାମନଗରର ଦୁଃଖ କୁହାଯାଉଥିବା ବୈତରଣୀର ବନ୍ୟା ନିୟନ୍ତ୍ରଣ ହୋଇପାରି ନାହିଁ। ଏଣୁ ନିଷ୍ଠା, ଚେଷ୍ଟା ଓ ସଂଗ୍ରାମ କଲେ କଂଗ୍ରେସ ଶାସନକୁ ଆସିପାରିବ। ବିଧାୟକ ପ୍ରାର୍ଥୀ ରଞ୍ଜନ କୁମାର ବେହେରା, ବ୍ଲକ କଂଗ୍ରେସ କମିଟି ସଭାପତି ରମେଶ ଚନ୍ଦ୍ର ବେହେରା, ପୂର୍ବତନ ଜିଲା କଂଗ୍ରେସ ସଭାପତି ନାରାୟଣ ଚନ୍ଦ୍ର ପାଢ଼ୀ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ନରେନ୍ଦ୍ର ମଲ୍ଲିକ, ପୂର୍ବତନ ସରପଞ୍ଚ ରମଣୀ ରଞ୍ଜନ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ରାଜକିଶୋର ଖଟୁଆ, ଅକ୍ଷୟ କୁମାର ରାଉତ, ବିଷ୍ଣୁ ଦାଶ, ଲକ୍ଷ୍ମୀଧର ସାମଲ, ବିଷ୍ଣୁମୋହନ କବି, ମଦନ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ।


ଭଗବାନପୁର ପଞ୍ଚାୟତସ୍ତରୀୟ କଂଗ୍ରେସ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରୁଛନ୍ତି ଏମ୍‌ପି ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀ।

# ରାଜନୈତିକ ହିଂସା, ୫ ଆହତ

ତିହିଡ଼ି,୨୪।୫(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ପିରହାଟ ଥାନା ଅଧୀନ ସିନ୍ଧୋଳ ପଞ୍ଚାୟତର ନୂଆସାହି ଗ୍ରାମରେ ଗୁରୁବାର ରାତିରେ ରାଜନୈତିକ ହିଂସା ଘଟିଛି। କଂଗ୍ରେସର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ପାଇଁ ଅନୁଷ୍ଠିତ ଶୋଭାଯାତ୍ରା ଓ ସ୍ଲୋଗାନକୁ ନେଇ ଗଣ୍ଡଗୋଳ ହୋଇଥିଲା। ବିରୋଧୀ ଦଳର କର୍ମୀ ଏବଂ କଂଗ୍ରେସ କର୍ମୀଙ୍କ ମଧ୍ୟରେ ପାଟିତୁଣ୍ଡ ହେବା ପରେ ଏହି ସଂଘର୍ଷ ଘଟିଥିବା ଜଣାପଡ଼ିଛି। ଏଥିରେ ନୂଆସାହି ଗ୍ରାମର କାଶିନାଥ ମଲିକ, ତୀର୍ଥ ଦାସ, କମଳାକାନ୍ତ ଦାସଙ୍କ ସମେତ ୫ଜଣ ଆହତ ହୋଇଛନ୍ତି। ଏନେଇ ପିରହାଟ ଥାନାରେ ୩ଟି ଅଭିଯୋଗ ହେବା ପରେ ପୋଲିସ ୩ଟି ମାମଲା (ନଂ. ୧୨୪/୨୪, ୧୨୫/୨୪ ଓ ୧୨୬/୨୪) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ନୂଆସାହି ଗ୍ରାମରେ କଂଗ୍ରେସର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ପାଇଁ ଶୋଭାଯାତ୍ରା ହୋଇଥିଲା। ଶୋଭାଯାତ୍ରା ସମୟରେ କର୍ମୀଙ୍କ ବିଭିନ୍ନ ସ୍ଲୋଗାନକୁ ନେଇ ବିରୋଧୀ ଦଳର କର୍ମୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ମିଶ୍ରଣ ପର୍ବ ପରେ କଂଗ୍ରେସ କର୍ମୀଙ୍କୁ ସେମାନେ ଏ ସମ୍ପର୍କରେ ପଚାରିବାରୁ ପାଟିତୁଣ୍ଡ ହୋଇ ଉତ୍ତେଜନା ଦେଖାଦେଇଥିଲା। ପରେ ଏହା ସଂଘର୍ଷର ରୂପ ନେଇଥିଲା। ଆହତମାନଙ୍କୁ ଚିକିତ୍ସା ନିମନ୍ତେ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

# ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ, ଜଣେ ଗିରଫ

ତିହିଡ଼ି,୨୪।୫ (ସଞ୍ଜିତ ବଳ)

ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ଦୋଳସାହି ବଜାର ନିକଟରୁ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଶୁକ୍ରବାର ସକାଳେ ତିହିଡ଼ି ପୋଲିସ ଜବତ କରିଛି। ପୋଲିସ ଭ୍ୟାନ୍‌ରୁ ୧୬ ଗୋରୁଙ୍କୁ ଉଦ୍ଧାର କରିଛି। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୨୪୪/୨୪) ରୁଜୁ କରି ଅସରଫ୍ ଖାନ ନାମକ ଗୋରୁ ବେପାରୀଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ପିକ୍‌ଅପ୍ ଭ୍ୟାନ୍‌ରେ ଗୋରୁ ବୋଝେଇ କରି ଭଦ୍ରକ ଅଭିମୁଖେ ନିଆଯାଉଥିବା କୌଣସି ସୂତ୍ରରୁ ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଉଦ୍ଧାର ହୋଇଥିବା ଗୋରୁଙ୍କୁ ସିମୁଳିଆସ୍ଥିତ ଗୋଶାଳାରେ ଛଡ଼ାଯାଇଛି।

# ଶତାୟୁ ମହିଳାଙ୍କ ସ୍ମୃତିଚାରଣ

ଭଦ୍ରକ, ୨୪।୫ (ରବିନାରାୟଣ ଖିଲାର)

ଭଦ୍ରକ ବାଇପାସ୍ଥିତ ଜଗନ୍ନାଥ ମନ୍ଦିରଠାରେ ଦିବଂଗତ ଶତାୟୁ ମହିଳା ରୁକ୍ମିଣୀ ଦେବୀଙ୍କ ଶ୍ରାଦ୍ଧୋତ୍ସବରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଇଂ. ଅଭୟ ସୂତାରଙ୍କ ସଭାପତିତ୍ୱ ଓ ଶିକ୍ଷାବିତ୍ ଗୟାଧର ପଣ୍ଡାଙ୍କ ଆବାହକତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ପ୍ରାଧ୍ୟାପକ ଡ. ଗୋଲକ ସାହୁ, ଶିକ୍ଷାବିତ୍ ଶାନ୍ତନୁ ରାଉତ, କୈଳାଶ ପଣ୍ଡା, ବାବୁଲାଲ ଦାସ, ଅଧ୍ୟାପକ ନିହାର ରଞ୍ଜନ କର, ନାଟ୍ୟଶ୍ରୀ ନିର୍ମଳ ରାଉତ, କବି ବିଜୟ ବହଳି, ନିରାପଦ ଫାଉଣ୍ଡେଶନର ଅଧ୍ୟକ୍ଷା ମିତସ୍ମିତା ବଳ, ରାଜଲକ୍ଷ୍ମୀ ନାୟକ, ଡା. ଅନିଲ ଦାଶ, ସୀତାକାନ୍ତ ଦାସ, ପ୍ରଣବ ସାହୁ, ଆଇନଜୀବୀ ଆଦିକନ୍ଦ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ରୁକ୍ମିଣୀ ଦେବୀ ଜଣେ ଧର୍ମପରାୟଣା, ପରୋପକାରୀ ଓ ଦରଦୀ ମହିଳା ଥିଲେ ବୋଲି ଉପସ୍ଥିତ ବକ୍ତାମାନେ କହିଥିଲେ।


ସ୍ମୃତିସଭାରେ ଉପସ୍ଥିତ ଅତିଥିମାନେ।

# ଶିବବିବାହ ପାଇଁ ଉଠିଲା ଲଗ୍ନଥାଳ

## ଆଖଣ୍ଡଳମଣି ପୀଠ

ଭଦ୍ରକ,୨୪।୫(ସନାତନ ରାଉତ)

ଭଦ୍ରକର ପ୍ରସିଦ୍ଧ ଶୈବପୀଠ ଆରଡ଼ି ଆଖଣ୍ଡଳମଣି ପୀଠରେ ଶିବବିବାହ ପାଇଁ ପବିତ୍ର ଚନ୍ଦନ ପୂର୍ଣ୍ଣିମା ଅବସରରେ ଲଗ୍ନ ଧରାଯାଇଛି। ବୈଦିକ ରୀତିନୀତି ଅନୁଯାୟୀ କନ୍ୟାପିତା ଗଦାଧର ପାଢ଼ୀ ବରପିତା କେଦାରନାଥ ପାଢ଼ୀଙ୍କୁ ଲଗ୍ନଥାଳ ପ୍ରଦାନ କରିଥିଲେ। ଭୋର ୪ଟାରେ ମନ୍ଦିର ଦ୍ୱାରଫିଟା ନୀତି ପରେ ମଙ୍ଗଳ ଆଳତି, ଘର୍ଷଣ ଲାଗି ସରିବା ପରେ ଚନ୍ଦନନୀତି ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ୪ଟାରେ ମଣିବାବାଙ୍କୁ ବଡ଼ସିଂହାର ବେଶରେ ସଜ୍ଜିତ କରାଯାଇଥିଲା। ଆଜ୍ଞାମାଳ ଆଣିବା ପରେ ଶିବବିବାହ ପାଇଁ ଲଗ୍ନଥାଳ ଉଠିଥିଲା।

ଯୋଡ଼ି ମହୁରୀ ସହ ଘଣ୍ଟ କୀର୍ତ୍ତନ, ଆଲଟଚାମର ଦ୍ୱାରା ଏକ ଉତ୍ସବମୁଖର ପରିବେଶରେ ଲଗ୍ନଥାଳ ବରପିତାଙ୍କ ଘରୁ କନ୍ୟାପିତାଙ୍କ ଘର ଅଭିମୁଖେ ବାହାରିଥିଲା। ବହୁ ଭକ୍ତ ଓ ସେବାୟତଙ୍କ ଦ୍ୱାରା ବାଜାବାଣ ରୋଷଣୀ ସହ ଲଗ୍ନଥାଳ ନଗରୀ ପରିକ୍ରମା କରିବା ପରେ କନ୍ୟାପିତାଙ୍କ ଘରେ ପହଞ୍ଚିଥିଲା। ସେଠାରେ ଜ୍ୟୋତିଷ ଓ ବ୍ରାହ୍ମଣଙ୍କ ଦ୍ୱାରା ତାଳପତ୍ରରେ ଲଗ୍ନଚିଟାଉ ଲେଖାଯାଇ ଆସନ୍ତା ଜୁନ୍ ୧୧ରେ ଦେବଦମ୍ପତିଙ୍କ ବିବାହ ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। ସମସ୍ତଙ୍କ ଉପସ୍ଥିତିରେ ଶୁଭ ମୁହୂର୍ତ୍ତ ଗଣନା କରାଯାଇ ପାଣିଗ୍ରହଣ ନୀତିର ସମୟ ନିର୍ଦ୍ଧାରଣ କରାଯାଇଥିଲା। ଭକ୍ତ ଓ ସେବାୟତଙ୍କ ଗହଣରେ ଲଗ୍ନଚିଟାଉ ପାଠ କରାଯିବା ପରେ ପୁନର୍ବାର ବରପିତାଙ୍କ ଘର ଅଭିମୁଖେ ଲଗ୍ନଥାଳ ବାହାରିଥିଲା। ବରପିତାଙ୍କ ଘରେ ଚିଟାଉକୁ ସ୍ୱାଗତ କରାଯାଇ ଗୁଆ ମଙ୍ଗୁଳା ନୀତି କରାଯାଇଥିଲା। ଏହି ମଙ୍ଗୁଳା ଗୁଆ ଓ ନିମନ୍ତ୍ରଣପତ୍ର ପୀଠ ସମେତ ପଡ଼ୋଶୀ ଜିଲାର ସମସ୍ତ ଦେବଦେବୀଙ୍କୁ ବଣ୍ଟନ କରାଯିବ। ଏଥିପାଇଁ ମନ୍ଦିର ଓ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା।


ସେବାୟତ ଲଗ୍ନଥାଳ ନେଉଛନ୍ତି।

## ବୃଦ୍ଧଙ୍କ ଆତ୍ମହତ୍ୟା

**ହାଟଡିହୀ,(ଶୁଭକାନ୍ତ ନାୟକ):** କେନ୍ଦୁଝର ଜିଲା ନନ୍ଦିପଦା ଥାନା ଗୋବିନ୍ଦପୁରା ଗ୍ରାମର ନିରାକାର ସା( ୭୦ ) ଆତ୍ମହତ୍ୟା କରିଛନ୍ତି। ଘରେ କେହି ନ ଥିବା ବେଳେ ନିରାକାର ଘର ଆଗରେ ଥିବା ଏକ ଗଛରେ ବେକରେ ଶାଢ଼ି ବାନ୍ଧି ଓହଳି ପଡ଼ିଥିଲେ। ଘରୋଇ କଳିରୁ ଏପରି ଘଟିଥିବା ଆଲୋଚନା ହେଉଥିବା ବେଳେ ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି।



କେନ୍ଦୁଝର

# ଆନନ୍ଦପୁରରେ ୨୯୧, ଘସିପୁରାରେ ୩୦୦ ବୁଥରେ ମତଦାନ

**ଆନନ୍ଦପୁର,୨୪।୫**
**(ସୁଶାନ୍ତ କୁମାର ସାହୁ)**

କେନ୍ଦୁଝର ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ଆନନ୍ଦପୁର ଓ ଘସିପୁରା ନିର୍ବାଚନମଣ୍ଡଳୀ ପାଇଁ ଶନିବାର ମତଦାନ ଗ୍ରହଣ କରାଯିବ। ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୩୩ ହଜାର ୨୦୩ ଭୋଟର ମତ ସାବ୍ୟସ୍ତ କରିବା ପାଇଁ ୨୯୧ ଗୋଟି ମତଦାନ କେନ୍ଦ୍ର ବ୍ୟବସ୍ଥା ହୋଇଛି। ନିର୍ବାଚନମଣ୍ଡଳୀରେ ୧ ଲକ୍ଷ ୧୭ ହଜାର ୬୮୮ ଜଣ ପୁରୁଷ ଭୋଟର ରହିଥିବାବେଳେ ୧ ଲକ୍ଷ ୧୫ ହଜାର ୫୦୬ ଜଣ ମହିଳା ଭୋଟର ଅଛନ୍ତି। ଅନ୍ୟାନ୍ୟ ୯ ଜଣ ଭୋଟର ରହିଛନ୍ତି। ନିର୍ବାଚନମଣ୍ଡଳୀରେ ୩୩ ଗୋଟି ବୁଥ ଅତି ସମ୍ବେଦନଶୀଳ ରହିଥିବାବେଳେ ୩୦ ପିଙ୍କ ବୁଥର ବ୍ୟବସ୍ଥା ହୋଇଛି। ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହିତ ପରିଚାଳନା ପାଇଁ ଜଣେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ୨ ଜଣ ଡିଏସ୍‌ପି, ୬ ଇନ୍ସପେକ୍ଟର, ୫୩ ଏସ୍‌ଆଇ ଓ ଏଏସ୍‌ଆଇ, ୨୪୨ କନଷ୍ଟେବଲ, ୧୮୨ ହୋମଗାର୍ଡ଼, ୪୬ ଗ୍ରାମରକ୍ଷୀ ନିୟୋଜିତ ହୋଇଛନ୍ତି। ସେହିପରି ଘସିପୁରା ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୨୮ ହଜାର ୩୯୯ ଭୋଟର ରହିଥିବାବେଳେ ୧ ଲକ୍ଷ ୧୪ ହଜାର ୩୪୬ ପୁରୁଷ ଭୋଟର ଓ ୧ ଲକ୍ଷ ୧୩ ହଜାର ୯୯୩ ମହିଳା ଭୋଟର ଏବଂ ୬୦ ଜଣ ଅନ୍ୟାନ୍ୟ ଭୋଟର ଅଛନ୍ତି। ମତଦାନ ପାଇଁ ନିର୍ବାଚନମଣ୍ଡଳୀରେ ୩୦୦ ବୁଥ୍‌ର ବ୍ୟବସ୍ଥା ରହିଥିବାବେଳେ ସେଥି ମଧ୍ୟରୁ ୪୭ ଅତି ସମ୍ବେଦନଶୀଳ ବୁଥ୍ ରହିଛି। ନିର୍ବାଚନମଣ୍ଡଳୀରେ ୧୦ ଗୋଟି ପିଙ୍କ୍ ବୁଥ୍‌ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ନିର୍ବାଚନକୁ


ପୋଲିଂ ଅଧିକାରୀମାନେ ବୁଥ୍ ଅଭିମୁଖେ ଯାଉଛନ୍ତି।

ଶାନ୍ତିଶୃଙ୍ଖଳାର ସହିତ ପରିଚାଳନା ପାଇଁ ଜଣେ ଅତିରିକ୍ତ ଆରକ୍ଷୀ ଅଧିକକ୍ଷକ, ୨ ଜଣ ଡିଏସ୍‌ପି, ୬ ଇନ୍ସପେକ୍ଟର, ୫୯ ଏସ୍‌ଆଇ ଓ ଏଏସ୍‌ଆଇ, ୨୪୫ ଜଣ କନଷ୍ଟେବଲ, ୧୯୭ ହୋମଗାର୍ଡ଼, ୩୫ ଜଣ ଗ୍ରାମରକ୍ଷୀ ନିୟୋଜିତ ହୋଇଛନ୍ତି। ନିରପେକ୍ଷ ଓ ଶାନ୍ତିଶୃଙ୍ଖଳା ସହ ମତଦାନ ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଆନନ୍ଦପୁର ଉପ ଜିଲାପାଳ ତଥା ନିର୍ବାଚନ ଅଧିକାରୀ ଫାଲଗୁନୀ ମାଝୀ ପ୍ରକାଶ କରିଛନ୍ତି। ଗଣତନ୍ତ୍ରର ଏହି ମହାନ ପର୍ବରେ ସମସ୍ତେ ସାମିଲ ହୋଇ ବିନା ଚାପରେ ମତ ସାବ୍ୟସ୍ତ କରିବା ପାଇଁ ଗଣମାଧ୍ୟମ ଜରିଆରେ ପ୍ରକାଶ କରିଛନ୍ତି। ଉଭୟ ଆନନ୍ଦପୁର ଓ ଘସିପୁରା ନିର୍ବାଚନମଣ୍ଡଳୀର ସମସ୍ତ ବୁଥ୍ ଗୁଡ଼ିକରେ ୱେବ୍‌କାଷ୍ଟିଂର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଯାହାର ନିୟନ୍ତ୍ରଣ ଆମ ନିକଟରେ ଓ ମୁଖ୍ୟ ନିର୍ବାଚନ କମିଶନ ଓଡିଶାଙ୍କ ନିକଟରେ ରହିଥିବାରୁ ସମସ୍ତ ଭୋଟରମାନେ ନିଜକୁ ସୁରକ୍ଷିତ ନିଜର ବହୁମୂଲ୍ୟ ମତ ସାବ୍ୟସ୍ତ କରିବାକୁ ଉପ ଜିଲାପାଳ କହିଛନ୍ତି।

# ଟଙ୍କା ବଣ୍ଟା ଭିଡିଓ ଭାଇରାଲ

**ପାଟଣା,୨୪।୫(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀରେ ଶନିବାର ମତଦାନ ଗ୍ରହଣ କରାଯିବ। ମାତ୍ର ଗୁରୁବାର ପାଟଣା ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ସ୍ଥାନରେ ଟଙ୍କା ବଣ୍ଟା ଯାଇଥିବା ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେଉଛି। ଟଙ୍କା ବଣ୍ଟାକୁ ନେଇ ଲୋକେ ବିରୋଧ କରୁଥିବା ମଧ୍ୟ ଦେଖାଯାଇଛି।

ସୂଚନା ଅନୁଯାୟୀ, ପାଟଣା ବ୍ଲକ୍ ରାଜନଗର ପଞ୍ଚାୟତ ନୁଆଖମଣ ଗ୍ରାମରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ପକ୍ଷରୁ ଟଙ୍କା ବାଣ୍ଟାଯାଉଥିଲା। ଏହାର ଏକ ଭିଡିଓ ଭାଇରାଲ ହେଉଛି। ଭିଡିଓରେ ଜଣେ ଯୁବକ ହାତରେ ୫ ଶହ ଟଙ୍କା ବିଡ଼ା ଧରିଥିବା ବେଳେ ଅନ୍ୟ ଜଣେ ଖାତା ଓ ପେନ୍ ଧରିଛନ୍ତି। ଏହି ସମୟରେ ଗ୍ରାମର ଯୁବକ ବ୍ୟକ୍ତିଗତ ଭାବେ ଟଙ୍କା ନ ଦେଇ ଗ୍ରାମ ଅନୁଷ୍ଠାନକୁ ଟଙ୍କା ଦିଅ, ପରେ ଲୋକଙ୍କୁ ଟଙ୍କା ବାଣ୍ଟିବ ବୋଲି କହିଥିଲେ। ଉପରୁ ଭୋଟର ପିଛା ଟଙ୍କା ଦେବା ପାଇଁ ନିର୍ଦ୍ଦେଶ ରହିଛି ବୋଲି ୨ ଯୁବକ କହୁଛନ୍ତି। ଆମେ ତୁମମାନଙ୍କ ଦାବିକୁ ଉପରେ ଜଣାଇଦେବୁ ବୋଲି କହିଥିଲେ। ସଂଘକୁ ଟଙ୍କା ନ ଦେଇ ଘର ଘର ବୁଲି ଟଙ୍କା ବାଣ୍ଟି ପାରିବ ନାହିଁ ବୋଲି ଗ୍ରାମର ଯୁବକ ରୋକ୍‌ଠୋକ କହିଥିଲେ। ଏହାପରେ ଟଙ୍କା ବାଣ୍ଟିବାକୁ ଆସିଥିବା ୨ ଯୁବକ ବାଧ୍ୟ ହୋଇ ଫେରିଯାଇଥିବା ଭିଡିଓରେ ଦେଖିବାକୁ ମିଳିଛି। ଘଟଣା ସମ୍ପର୍କରେ ଗ୍ରାମବାସୀ ଓ ଟଙ୍କା ବାଣ୍ଟୁଥିବା ଯୁବକ ମତାମତ ଦେବାକୁ ମନା କରିଥିଲେ।

# ପାଟଣାରେ ୧୦ ସଖୀ ବୁଥ୍




**ପାଟଣା,୨୪।୫(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ନିର୍ବାଚନମଣ୍ଡଳୀରେ ଚଳିତ ବର୍ଷ ୧୦ଟି ସଖୀ ବୁଥ୍ ହୋଇଛି। ସେଥି ମଧ୍ୟରୁ ପାଟଣା ବ୍ଲକ୍ ମୁଖ୍ୟାଳୟରେ ୩ଟି ବୁଥ୍ ହୋଇଥିବା ଜଣାପଡ଼ିଛି। ଏଥି ସକାଶେ ଶୁକ୍ରବାର ସନ୍ଧ୍ୟାରେ ମହିଳା ପୋଲିଂ ପାର୍ଟି ସହ ମହିଳା ପୋଲିସ ପହଞ୍ଚିଛନ୍ତି। ପାଟଣା ବ୍ଲକ୍ ମୁଖ୍ୟାଳୟ ପାଟଣା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବୁଥ ନମ୍ବର ୧୭୩ରେ ୭୨୮ଜଣ ମତଦାତା ମତଦାନ କରିବାକୁ ଥିବା ବେଳେ ଉକ୍ତ ସେଣ୍ଟରର ୧୭୭ ନମ୍ବର ବୁଥ୍‌ରେ ୪୫୨ ଜଣ ମତଦାନ କରିବେ। ସେହିଭଳି ମୁଖ୍ୟାଳୟ ଗୋପୀନାଥ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୭୬ ବୁଥ୍‌ରେ ୧୧୭୩ ଜଣ ମତଦାତା ମତଦାନ କରିବେ।

# ଜଳକଷ୍ଟ ଭୋଗୁଛନ୍ତି ମଦରଙ୍ଗାଯୋଡ଼ିବାସୀ

**କେନ୍ଦୁଝର,୨୪।୫(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପାନୀୟ ଜଳ ପାଇଁ ବିଭିନ୍ନ ଯୋଜନା ହୋଇଛି। ଏ ନେଇ ରାଜକୋଷରୁ ଅନେକ କୋଟି ଟଙ୍କା ବ୍ୟୟ ହେଉଛି। କେନ୍ଦୁଝର ଜିଲା ସଦର ବ୍ଲକ୍ ମହାଦେଇଯୋଡ଼ା ପଞ୍ଚାୟତ ମଦରଙ୍ଗାଯୋଡ଼ି ଗ୍ରାମରେ ଯୋଜନା କାର୍ଯ୍ୟକାରୀ ହୋଇନି। ଫଳରେ ଗ୍ରାମବାସୀ ବର୍ଷ ବର୍ଷ ଜଳକଷ୍ଟ ଭୋଗୁଛନ୍ତି।

ସୂଚନା ମୁତାବକ, ଗ୍ରାମ ପୂର୍ବରୁ ବିଧବାଙ୍କ ଗାଁ ଭାବରେ କେନ୍ଦୁଝରରେ କୁଖ୍ୟାତି ଅର୍ଜନ କରିଥିଲା। ଏବେ ଗ୍ରାମବାସୀ ଜଳ ସମସ୍ୟାରେ ଜର୍ଜରିତ ହେଉଛନ୍ତି। କୌଣସି ପିଇବା ପାଣିର ବ୍ୟବସ୍ଥା କରାଯାଇ ନ ଥିବା ବେଳେ ଯାହାବି ଅଛି ତାହା ସମୁଦ୍ରକୁ ସଙ୍ଖେ ଭଳି ମନେ ହେଉଛି। ଗାଁରେ ପାଖାପାଖି ୫୦୦ ଲୋକ ବସବାସ କରୁଥିବାବେଳେ ଗୋଟିଏ ନଳକୂପ ଉପରେ ସମସ୍ତେ ନିର୍ଭର କରନ୍ତି। ନଳକୂପରୁ ଆଇରନ ମିଶ୍ରିତ ପାଣି ବାହାରୁଛି। ଅଶୁଦ୍ଧ ଆଇରନ ପାଣି ପିଇ ଗ୍ରାମର ଅନେକ ଲୋକ ରୋଗରେ ଆକ୍ରାନ୍ତ ହୋଇ ଖର୍ଚ୍ଚାନ୍ତ ହେଉଛନ୍ତି। ଅନେକ ସମୟରେ ଆଇରନ ଯୁକ୍ତ ପାଣି ବି ନଳକୂପରୁ ବାହାରୁନାହିଁ। ଏଣୁ ପାଣି ପାଇଁ ଗ୍ରାମବାସୀମାନେ ଡହଳବିକଳ ହେଉଛନ୍ତି। ଗ୍ରାମକୁ ତୁରନ୍ତ ପିଇବା ପାଣି ଯୋଗାଇ ଦେବାକୁ ସ୍ଥାନୀୟ ମହିଳା ମାନିନୀ ବାରିକ, ସନ୍ଧ୍ୟାରାଣୀ ବାରିକ, ତିଳତ୍ତମା ବାରିକ, ସୁଲୋଚନା ଖୁଣ୍ଟିଆଙ୍କ ସମେତ ଅନ୍ୟମାନେ ଜିଲା ପ୍ରଶାସନଙ୍କୁ ନିବେଦନ କରିଛନ୍ତି।

# ୩ ମାସର ପାରିଶ୍ରମିକ ପାଇନାହାନ୍ତି ଖଣି ସୁରକ୍ଷା କର୍ମୀ

**ଯୋଡ଼ା,୨୪।୫(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଏକ ଖଣିରେ ନିୟୋଜିତ ସୁରକ୍ଷା କର୍ମୀଙ୍କୁ ପାରିଶ୍ରମିକ ମିଳିନାହିଁ। ଏ ନେଇ ପ୍ରାୟ ୬୯ରୁ ଊର୍ଦ୍ଧ୍ୱ ସୁରକ୍ଷାକର୍ମୀ ନିର୍ବାଚନ ପାଇଁ ଗାଁକୁ ଯିବାକୁ ହଇରାଣ ହେଉଥିବା କହିଛନ୍ତି। ସୁରକ୍ଷା କର୍ମୀମାନେ ଘରୋଇ ସିକ୍ୟୁରିଟି ସଂସ୍ଥା ପକ୍ଷରୁ ନିୟୋଜିତ ହୋଇଥିବା ଜଣାପଡ଼ିଛି।

ଅଭିଯୋଗ ଅନୁଯାୟୀ, ଇଙ୍ଗାଣିଝରଣସ୍ଥିତ ଥିବା ଉକ୍ତ ଖଣିରେ ଭିଜନ ସିକ୍ୟୁରିଟି ସର୍ଭିସ ନାମକ ସଂସ୍ଥାରେ ପ୍ରାୟ ୨୭ ସୁରକ୍ଷା କର୍ମୀ ଫେବୃଆରୀରୁ କାର୍ଯ୍ୟ କରୁଛନ୍ତି। ଆଜି ପର୍ଯ୍ୟନ୍ତ ୩ ମାସର ଦରମା ମିଳିନାହିଁ। ସେହିପରି ଗତି କୃଷ୍ଣ ଏଜେନ୍ସିନାମକ ସଂସ୍ଥାର ୪୨ ସୁରକ୍ଷାକର୍ମୀ କାର୍ଯ୍ୟ କରି ପ୍ରାପ୍ୟ ପାଇନାହାନ୍ତି। ଖଣି କମ୍ପାନୀ ପ୍ରତି ମାସରେ ସୁରକ୍ଷା କର୍ମୀଙ୍କ ଦରମା ଦେବାର ଏଜେନ୍ସିକୁ ପ୍ରତିଶ୍ରୁତି ଦେଇଥିଲା। ଦରମା ପ୍ରଦାନରେ ବିଳମ୍ବ କାରଣରୁ ଏଜେନ୍ସି ପକ୍ଷରୁ ପୂର୍ବରୁ ଯୋଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଖଣି କମ୍ପାନୀ କର୍ତ୍ତୃପକ୍ଷ ଖୁବ୍‌ଶୀଘ୍ର ଦରମା ପ୍ରଦାନ କରିବା ନେଇ ଥାନାରେ ପ୍ରତିଶ୍ରୁତି ଦେଇଥିଲେ। ପରବର୍ତ୍ତୀ ସମୟରେ ଖିଲାପ କରିବାରୁ ପୁନର୍ବାର ସୁରକ୍ଷା କର୍ମୀମାନେ ଥାନାର ଦ୍ୱାରସ୍ଥ ହୋଇଥିଲେ। ମାତ୍ର ନିର୍ବାଚନ ସମୟ ଥିବାରୁ ପରେ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିବା ସୁରକ୍ଷା କର୍ମୀ ସତ୍ୟବାନ ମାଟିଆ, ମିତ୍ରଭାନୁ ନାଏକ, ଦୀପକ ମହାନ୍ତ, ରାଜେଶ ପାତ୍ର, ଜୟଦେବ ନାଏକ, ଚୁଡ଼ାମଣି ରାଉତ, ରମାରଞ୍ଜନ ନାଏକ, ଶଙ୍କର୍ଷଣ ମହାନ୍ତ, ପ୍ରଶାନ୍ତ ଶଙ୍ଖୁଆ, ଲକ୍ଷ୍ମଣ ମହାକୁଡ଼, ମାଧବ ପାତ୍ର ପ୍ରମୁଖ କହିଛନ୍ତି। ଅନ୍ୟପକ୍ଷେ କମ୍ପାନୀ ସୁରକ୍ଷା କର୍ମୀଙ୍କ ଦରମା ପ୍ରଦାନ ନ କରି ଏଥି ମଧ୍ୟରେ ୪ଟି ସିକ୍ୟୁରିଟି ସଂସ୍ଥା ପରିବର୍ତ୍ତନ କରିଥିବା ସୁରକ୍ଷା କର୍ମୀମାନେ ଅଭିଯୋଗ କରିଛନ୍ତି। ପାଖରେ ଟଙ୍କା ନ ଥିବାରୁ ପରିବାର ଚଳାଇବା ଚିନ୍ତା ସେମାନଙ୍କୁ ବ୍ୟଥିତ କରିଛି। ଅର୍ଥ ଅଭାବରୁ ଭୋଟଦାନ ପାଇଁ ଗାଁକୁ ଯିବାକୁ ଖଣିରୁ ଯୋଡ଼ା ସହର ପର୍ଯ୍ୟନ୍ତ ୧୦ କି.ମି. ଦୂର ଚାଲି ଚାଲି ଆସିଥିବା କହିଛନ୍ତି। ନିର୍ବାଚନ ପରେ ପ୍ରାପ୍ୟ ନ ମିଳିଲେ ଖଣି କମ୍ପାନୀ ଗେଟ ଆଗରେ ଧାରଣାରେ ବସିବେ ବୋଲି ଚେତବାନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଉକ୍ତ ଖଣି କମ୍ପାନୀ ପକ୍ଷରୁ ବନାଞ୍ଚଳରେ ରାସ୍ତା ନିର୍ମାଣ କରି ଖଣିଜ ପରିବହନ ଅଭିଯୋଗ ହୋଇଥିଲା। ତାହା ଚର୍ଚ୍ଚାର ପରିଧିକୁ ଆସିଥିଲା।

ମୟୂରଭଞ୍ଜ

# ଏକାଠି ବୁଲୁଛନ୍ତି ମହାବଳ-କଳାବାଘ

**ବାରିପଦା, ୨୪।୫**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

## ଶିମିଳିପାଳର ଫଟୋ ପୋଷ୍ଟ କଲେ ପିସିସିଏଫ୍

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ମହାବଳ ସହ କଳାବାଘ ବୁଲୁଥିବା ବେଳର ଫଟୋ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ(ପିସିସିଏଫ୍) ୱାଇଲ୍ଡ ଲାଇଫ୍ ସୁଶାନ୍ତ ନନ୍ଦ ସୋସିଆଲ୍ ମିଡିଆ(ଏକ୍ସ)ରେ ପୋଷ୍ଟ କରିଛନ୍ତି। ଶିମିଳିପାଳ ଅଭୟାରଣ୍ୟରେ କଳାବାଘର ବାରମ୍ବାର ଉପସ୍ଥିତି ଦେଖି ସେ ଖୁସି ହୋଇଛନ୍ତି। ଟ୍ରାପ୍ କ୍ୟାମେରାରେ କଏଦ ହୋଇଥିବା ଏହି ଫଟୋ ସେୟାର ହେବା ପରେ ଶିମିଳିପାଳରେ ବାଘ ବଂଶ ବୃଦ୍ଧିର ସଙ୍କେତ ବୋଲି କୁହାଯାଉଛି। ମହାବଳ ସହ ଏକାଠି ବୁଲୁଥିବା କଳା ବାଘ ବିରଳ ମେଲାନିଷ୍ଟିକ ପ୍ରଜାତିର। କାଠ


ପିସିସିଏଫ୍ ସୁଶାନ୍ତ ନନ୍ଦ ସୋସିଆଲ ମିଡିଆରେ ପୋଷ୍ଟ କରିଥିବା ଫଟୋ।

ମାଫିଆ ଓ ଶିକାରୀଙ୍କ ଲୋଲୁପ ଦୃଷ୍ଟିରୁ ଶିମିଳିପାଳ ଅଭୟାରଣ୍ୟକୁ ସୁରକ୍ଷା ଦେବା ପାଇଁ ଯୁଗ୍ମ ଟାସ୍କଫୋର୍ସ ଗଠନ ସହ ସଶସ୍ତ୍ର ବାହିନୀ ନିୟୋଜିତ ରହି ପାଟ୍ରୋଲିଂ କରୁଛନ୍ତି। ଯାହା ଫଳରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ବାଘମାନେ ସୁରକ୍ଷିତ ଭାବେ ବିଚରଣ କରୁଥିବା ଉକ୍ତ ଫଟୋରୁ ସ୍ପଷ୍ଟ ହୋଇଛି।

ସମଗ୍ର ଭାରତରେ ଥିବା ମୋଟ ୧୦ଗୋଟି କଳାବାଘ ଶିମିଳିପାଳ ଅଭୟାରଣ୍ୟରେ ହିଁ ରହିଛନ୍ତି। ଏନେଇ କେନ୍ଦ୍ର ପରିବେଶ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ଗତ ଡିସେମ୍ବରରେ ପାର୍ଲାମେଣ୍ଟରେ ତଥ୍ୟ ଉପସ୍ଥାପନ କରିଥିଲେ। ୨୦୨୨ ବାଘ ଗଣନା ରିପୋର୍ଟରେ ମଧ୍ୟ ଏହି ତଥ୍ୟ ପ୍ରକାଶ ପାଇଥିଲା। କଳା ବାଘ ପାଇଁ ଶିମିଳିପାଳ ଅଭୟାରଣ୍ୟ ବିଶ୍ୱ ଦରବାରରେ ପ୍ରସିଦ୍ଧି ଲାଭ କରିଥିବାବେଳେ ସେମାନଙ୍କ ବଂଶବୃଦ୍ଧି ଓ ସୁରକ୍ଷାକୁ ନେଇ ଅଧିକ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଥିବା ପ୍ରାଣୀପ୍ରେମୀମାନେ କହିଛନ୍ତି।

# ଡାକ୍ତରଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ଗୋପବନ୍ଧୁ ନଗର ୨୪।୫**
**(ଶାନ୍ତନୁ କୁମାର ମଦୁଆଲ)**

ଗୋପବନ୍ଧୁ ନଗର ବ୍ଲକ କୁଆମରା ଆଞ୍ଚଳିକ ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତର ଶାନ୍ତନୁ କୁମାର ଜେନାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ଟେକା ପଥର ମାଡ଼ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ. ୧୮୭/୨୪) ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଡାକ୍ତର ଜେନା ବୁଧବାର ରାତି ୮ଟା ସମୟରେ ଡାକ୍ତରଖାନା ମଧ୍ୟରେ ରୋଗୀ ଦେଖୁଥିବା ବେଳେ କୁଆମରା ଗ୍ରାମର ପ୍ରଦୀପ ଦେହୁରୀ ହଠାତ୍ ସେଠାରେ ପହଞ୍ଚି କୌଣସି କାରଣ ନ ଥାଇ ତାଙ୍କୁ ଗାଳି ଗୁଲଜ କରିବା ସହ ବିଭିନ୍ନ ଧମକ ଚମକ ଦେଇଥିଲେ। ଡାକ୍ତର ଜେନା ନିଜ ସୁରକ୍ଷା ପାଇଁ ଭିତର ପଟୁ କବାଟ ଦେଇଦେବାରୁ ବାହାର ପଟୁ ପ୍ରଦୀପ ଟେକାପଥର ମାଡ କରିଥିବା ଅଭିଯୋଗରେ ଦର୍ଶାଯାଇଛି।

# ୧୧ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୧,୯୯,୨୩୭ ଭୋଟର

**ବାରିପଦା,୨୪।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

## ଆଜି କରଞ୍ଜିଆ ବିଧାନସଭା କ୍ଷେତ୍ରରେ ଭୋଟ

କେନ୍ଦୁଝର ଲୋକସଭା ଆସନ ଅଧୀନ ମୟୂରଭଞ୍ଜ ଜିଲା କରଞ୍ଜିଆ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଶନିବାର ଭୋଟଗ୍ରହଣ ଅନୁଷ୍ଠିତ ହେବ। ୧ଲକ୍ଷ ୯୯ହଜାର ୨୩୭ ଭୋଟର ମୋଟ ୧୧ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଏହି ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା କରଞ୍ଜିଆ ବ୍ଲକ, ଏନ୍‌ଏସି, ଠାକୁରମୁଣ୍ଡା ବ୍ଲକ ଓ କପ୍ତିପଦା ବ୍ଲକର ୯ଟି ପଞ୍ଚାୟତର ଭୋଟରମାନେ ନିଜ ବୁଥରେ ମତଦାନ କରିବାର ବ୍ୟବସ୍ଥା କରାଯାଇଛି। ଏଥି ପାଇଁ ୨୪୨ଟି ବୁଥରେ ସମସ୍ତ ପ୍ରିଜାଇଡିଂ ଅଫିସର ଓ ପୋଲିଂ ଅଫିସରମାନେ ପହଞ୍ଚି ସାରିଛନ୍ତି। ୧୬୯୪ ଜଣ ଅଫିସର ସାମିଲ ହୋଇଥିବା ବେଳେ ପୋଲିସ ଓ ଜିଲାପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେହିପରି ଏହି ନିର୍ବାଚନ ମଣ୍ଡଳୀରେ ୩୩ଟି ସମ୍ବେଦନଶୀଳ ବୁଥ ରହିଥିବା ବେଳେ ୩୯ଟି ସଖିବୁଥ, ଯୁବ ବୁଥ ଓ ଦିବ୍ୟାଙ୍ଗ ବୁଥ୍ ରହିଛି। ୧୪ଟି ଛାୟା(ସେଡୋ) ବୁଥ୍ ମୋବାଇଲ ନେଟୱାର୍କ ନ ଥିବା ସ୍ଥାନରେ ରହିଛି। ଏଥି ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବୁଥ୍‌ରେ ଭିଏଟ୍ଏଫ୍ ସେଟ୍ ସହିତ କଣ୍ଟ୍ରୋଲ ରୁମର ସଂଯୋଗ କରାଯାଇଛି। ଜଣେ ଲେଖାଏ ଭିଏଟ୍ଏଫ୍ ଏକପର୍ଟଙ୍କୁ ନିଯୁକ୍ତ କରାଯାଇଛି। ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଓ ଏସ୍‌ପି ଏସ୍. ସୁଶ୍ରୀ ସମସ୍ତ ବୁଥ୍ ପରିଦର୍ଶନ କରି ଅନୁଧ୍ୟାନ କରିଛନ୍ତି। ମତଦାନ ସରିବା ପରେ ଇଭିଏମ୍‌ଗୁଡ଼ିକ କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯିବାର ବ୍ୟବସ୍ଥା କରାଯାଇଛି। ଅବାଧ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ନିମନ୍ତେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି।

# 'ବୁଦ୍ଧ ପୂର୍ଣ୍ଣିମାକୁ ସନ୍ଥ ଦିବସ ଭାବେ ଘୋଷଣା କରାଯାଉ'

**ବାରିପଦା,୨୪।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ବାରିପଦା ସଦ୍ଭାବନା ସମିତି ପକ୍ଷରୁ ୫୪୧ତମ ମାସିକ ସନ୍ଥ ଦିବସ ପାଳିତ ହୋଇଯାଇଛି। ଇଂ.ସର୍ବେଶ୍ୱର ଭୂୟାଁଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରବକ୍ତା ଭାବେ ମୁନିଶର ନିରଞ୍ଜନ ଶାସ୍ତ୍ରୀ ଯୋଗଦେଇ ବଡ଼ ଭୁଲକୁ ଛୋଟିଆ ଶାସ୍ତି ଦେଲେ ସମାଜ ଅମଣିଷଙ୍କ ଚରାଭୂଇଁ ହେବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ଡ: ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ଯୋଗଦେଇ କେନ୍ଦ୍ର ସରକାର ବିଭିନ୍ନ ଦିବସ ପାଳନ କରିବାକୁ ସ୍ୱୀକୃତି ଦେଇଥିବା ବେଳେ ଅହିଂସା ପରମ ଧର୍ମର ସୂତ୍ରଧର ଭଗବାନ ବୁଦ୍ଧଦେବଙ୍କ ଜୟନ୍ତୀକୁ ସନ୍ଥ ଦିବସ ଭାବେ ମାନ୍ୟତା ମିଳିଲେ ତାହା ସମଗ୍ର ମାନବ ଜାତି ପାଇଁ ଅଭିନବ ପଦକ୍ଷେପ ହେବ ବୋଲି କହିଥିଲେ। ଏହି ଦିବସରେ ବ୍ରହ୍ମକୁମାରୀ ଭଉଣୀ ଉମା, ସଙ୍ଗ ବିହାରର ବେଣୁଧର ମହାରଣା, ନିଗମାନନ୍ଦ ଆଶ୍ରମର ଅଲେଖଚନ୍ଦ୍ର ପାଠୀ, ମୁନିସମାଜର ଶିରିଷ ଚନ୍ଦ୍ର ସାହୁ, ଗାୟତ୍ରୀ ପରିବାରର ରସାନନ୍ଦ ବଳା, ସତ୍ୟସାଇର ମାନସ ରଞ୍ଜନ ମହାପାତ୍ର, ରାଧେଗୋବିନ୍ଦ ଧାମର ପଶୁପତି ନାଏକ, ଖାଲସା ପନ୍ଥର ସର୍ଦ୍ଦାର ହରଚରଣ ସିଂ, ଇସଲାମ ଧର୍ମର ଜନାବ ଏସ.କେ. ମୟୀ ଉଦ୍ଦିନ ଅଜିଜ, ଖ୍ରୀଷ୍ଟ ଧର୍ମର ଫାଦର ସୁବୋଧ ଲାକ୍ରା ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଶାରେ ମାନବ ଧର୍ମର ପ୍ରବର୍ତ୍ତକ ସନ୍ଥମୂର୍ତ୍ତି ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ଉପସ୍ଥିତ ରହି ପ୍ରଭୁ ଶ୍ରୀରାମଚନ୍ଦ୍ର ଯଦି ଶବରୀର ଅଇଁଠା କୋଳିଖାଇ ଏବଂ ସାମାନ୍ୟ କୈବର୍ତ୍ତର ପଦଧୋଇ ତଥା ଭଗବାନ ଶ୍ରୀକୃଷ୍ଣ ଯଦି ଗରିବ ସୁଦାମାର ପାଦଧୋଇ ସିଂହାସନରେ ବସାଇ ଏବଂ ଧର୍ମରାଜ ଯୁଧିଷ୍ଠିର ଏକ ଯଜ୍ଞ ସଭାରେ ଉପସ୍ଥିତ ଭକ୍ତଜନଙ୍କ ପ୍ରସାଦ ସେବନ ପରେ ସେମାନଙ୍କ ଅଇଁଠା ଖଲିପତ୍ରକୁ ସେ ଉଠାଇବାର ଦାୟିତ୍ୱ ନେଇ ଯେଉଁ ସେବାର ସେବକର ପରିଚୟ ଦେଲେ ତାହା ଆମର ଚର୍ଯ୍ୟା ହେବା ଉଚିତ ବୋଲି ମନ୍ତବ୍ୟ ରଖିଥିଲେ। ସମୀକ୍ଷକ ଭାବେ ବରିଷ୍ଠ ଖବରଦାତା ଡ.ବିଜୟ ଅଗ୍ରୱାଲ, ସମିତିର ସମ୍ପାଦକ ସତ୍ୟାନନ୍ଦ ଶେଜପଡା ଏବଂ ସହସମ୍ପାଦକ ଇଂ.ସରୋଜ କୁମାର ଦଣ୍ଡପାଟ ତଥା ସଦସ୍ୟ ବୃନ୍ଦ ପରିଚାଳନାରେ ସହଯୋଗ କରିଥିଲେ।

# କଂଗ୍ରେସର ବୁଥ୍‌ସ୍ତରୀୟ କର୍ମୀ ସମ୍ମିଳନୀ

**ମୋରଡ଼ା,୨୪।୫(ସ୍ମାରକ ମାଜୀ)**

## ମୋରଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ

ସାଧାରଣ ପାଖେଇ ଆସୁଥିବା ବେଳେ ମୟୂରଭଞ୍ଜ ଜିଲା ମୋରଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ଜାତୀୟ କଂଗ୍ରେସର ବିଧାୟକ ପ୍ରାର୍ଥୀ ପ୍ରଭାସକର ମହାପାତ୍ର ପ୍ରଚାରକୁ ଜୋରଦାର କରିଛନ୍ତି। ପ୍ରତି ପଞ୍ଚାୟତରେ ବୁଥ୍‌ସ୍ତରୀୟ କର୍ମୀ ସମ୍ମିଳନୀ କରି ଲୋକଙ୍କ ଆସ୍ଥାଭାଜନ ହେଉଥିବା ଦେଖିବାକୁ ମିଳଛି। ଏହି ପରିପ୍ରେକ୍ଷୀରେ ମୋରଡ଼ା, ଶୁଳିଆପଦା ଓ, ରାସଗୋବିନ୍ଦପୁର ବ୍ଲକର ବିଭିନ୍ନ ସ୍ଥାନରେ ବୁଥସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶୁଳିଆପଦା ବ୍ଲକର ପାକଟିଆ, ମୋରଡା ବ୍ଲକର ନୂଆଗାଁ, ରାସଗୋବିନ୍ଦପୁର ବ୍ଲକର ମାଣିଦା, ଖୁଣ୍ଟାପାଳ, ଛାତନା ପଞ୍ଚାୟତରେ ପ୍ରଭାସ ଭୋଟରଙ୍କୁ ଭେଟି ସେମାନଙ୍କ ସୁବିଧା, ଅସୁବିଧା ବାବଦରେ ଆଲୋଚନା କରୁଛନ୍ତି। କର୍ମୀ ବୈଠକ ସରିବା ପରେ ପ୍ରଭାସ ପ୍ରତ୍ୟେକ ବୁଥର ଘରକୁ ଘର ବୁଲି କଂଗ୍ରେସର ଗ୍ୟାରେଣ୍ଟି କାର୍ଡ ବାବଦରେ ବୁଝାଇବା ସହିତ ଲୋକଙ୍କଠାରୁ ଆଶୀର୍ବାଦ କାମନା କରୁଛନ୍ତି। ପ୍ରମୁଖ ରାଜନୈତିକ ଦଳ ବିଜେଡି ଓ ଭାଜପାକୁ କଂଗ୍ରେସ କଡ଼ା ଟକ୍କର ଦେବ ବୋଲି କୁହାଯାଉଛି।


ନିର୍ବାଚନୀ ସଭାରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ପ୍ରଭାସକର ମହାପାତ୍ର।

# ଦୁର୍ଘଟଣାରେ ବ୍ୟବସାୟୀଙ୍କ ମୃତ୍ୟୁ

**ବାରିପଦା,୨୪।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଯାଜପୁର ଜିଲା ପାଣିକୋଇଲିଠାରେ ସଡ଼କ ଦୁର୍ଘଟଣାରେ ବାରିପଦାର ବିଶିଷ୍ଟ ବ୍ୟବସାୟୀ ହେମନ୍ତ ଦାସଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସ୍ତ୍ରୀ ନମ୍ରତା ଓ ପୁଅ ଅଂଶୁରାଜ ଗୁରୁତର ହୋଇଛନ୍ତି। ଏନେଇ ବାରିପଦା ସହରରେ ଶୋକର ଛାୟା ଖେଳିଯାଇଛି। ସନ୍ଧ୍ୟାରେ ବାରିପଦା ଭୁଗୁଡାକଟାସ୍ଥିତ ବାସଭବନରେ ମରଶରୀର ପହଞ୍ଚିବା ପରେ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ। ସୂଚନା ଅନୁଯାୟୀ, ହେମନ୍ତ ପରିବାର ଲୋକଙ୍କ ସହିତ ଶୁକ୍ରବାର ଭୁବନେଶ୍ୱରରୁ ବାରିପଦା ଆସୁଥିବା ବେଳେ ପାଣିକୋଇଲି ଥାନା ସମ୍ମୁଖରେ ତାଙ୍କ କାର୍ ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା।

# ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ

**ବୈଶିଙ୍ଗା,୨୪।୫(ରତନ ଦାଶ):** ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଗଡ଼ଦେଉଳିଆ ପଞ୍ଚାୟତର ଭାନୁପୁର ଗ୍ରାମରେ ଥିବା ସାନ୍ତାଳି (ଅଲଚିକି) ଶିକ୍ଷାନୁଷ୍ଠାନ 'ଶାର୍ନା ସେଚେଦ ଅଲ ଇତୁନ ଆଶ୍ଳା' ପକ୍ଷରୁ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୧୯ତମ ଜୟନ୍ତୀ ପାଳିତ ହୋଇଯାଇଛି। ଅଲ ଇତୁନ ଆଶ୍ଳାର ଶିକ୍ଷକ କୈଳାସ ଚନ୍ଦ୍ର ମୁର୍ମୁ ପତାକା ଉତ୍ତୋଳନ କରିଥିଲେ। ପାରମ୍ପରିକ ବସ୍ତ୍ର ପରିଧାନ କରି ଉପସ୍ଥିତ ଥିବା ଛାତ୍ରୀଛାତ୍ର ସମବେତ କଣ୍ଠରେ ସାନ୍ତାଳୀ ଧର୍ମଗ୍ରନ୍ଥ 'ହିତାଲ' ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଲଚିକି ଶିକ୍ଷକ ଗୌର ମୋହନ ମାରାଣ୍ଡି,ବାଇଧର ଟୁଡୁ, ଲକ୍ଷ୍ମଣ ମାରାଣ୍ଡି , ଆଶ୍ଳାର ସଭାପତି ସମରାୟ ହେମ୍ବ୍ରମ, ସମ୍ପାଦକ ଜଗନ୍ନାଥ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ। ଘନଶ୍ୟାମ ମୁର୍ମୁ, ସୁଜିତ ଟୁଡୁ, ସିଦ୍ଧେଶ୍ୱର ମୁର୍ମୁ, ଅଜୁ ମୁର୍ମୁ, ଜଣ୍ଟୁ ମୁର୍ମୁ ପ୍ରମୁଖ ସହଯୋଗ କରିଥିଲେ।

**ଛାତ୍ରୀଙ୍କ ଆତ୍ମହତ୍ୟା**

**ସୋର,(ଜନ୍ମେଜୟ ମିଶ୍ର):** ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଅଙ୍ଗୁଳା ଗ୍ରାମର ଜଣେ ନାବାଳିକା ଆତ୍ମହତ୍ୟା କରିଛନ୍ତି। ସେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଦଶମ ଶ୍ରେଣୀରେ ପଢୁଥିଲେ। ଶୁକ୍ରବାର ମଧ୍ୟାହ୍ନରେ ଟ୍ୟୁଶନରୁ ଫେରିବା ପରେ ଖାଇପିଇ ଶୋଇବାକୁ ଯାଇଥିଲେ। କିଛି ସମୟ ପରେ ଶୋଇବା ଘରେ ବେକରେ ଆପ୍ରନ ଲଗାଇ ଝୁଲିପଡିଥିଲେ। ପରିବାର ଲୋକେ ଓ ପଡୋଶୀ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ରାଜଶ୍ରୀଙ୍କୁ ମୃତ ଘୋଷଣା କରିଥିଲେ।

# ଇମାମୀ ନଗରରେ ଚନ୍ଦନଯାତ୍ରା

**ବାଲେଶ୍ୱର, ୨୪।୫(ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ରେମୁଣା ବାଲଗୋପାଳପୁରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ଇମାମୀ ନଗରରେ ରୀତିନୀତି ଅନୁଯାୟୀ ଚଳିତବର୍ଷ ଚନ୍ଦନଯାତ୍ରା ଶେଷ ହୋଇଛି। ଅକ୍ଷୟ ତୃତୀୟା ଅବସରରେ ରଥ ଅନୁକୂଳ ପରେ ଚନ୍ଦନଯାତ୍ରା ଆରମ୍ଭ ହୋଇଥିବା ବେଳେ ଗତ ଗୁରୁବାର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମରେ ଶେଷ ହୋଇଛି। ଏହି ଚନ୍ଦନଯାତ୍ରାରେ ପ୍ରତିଦିନ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଥିବା ପୁଷ୍ପ ସୁସଜ୍ଜିତ ପୁଷ୍କରଣୀରେ ମହାପ୍ରଭୁଙ୍କର ଚାପଖେଳ ଅନୁଷ୍ଠିତ ହୋଇଚାଲିଥିଲା। ଆଲୋକ ଓ ଫୁଲସଜ୍ଜାରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ ଶ୍ରୀଜୀଉମାନଙ୍କୁ ଦର୍ଶନ କରିଛନ୍ତି।

ଶ୍ରୀଜଗନ୍ନାଥ ମନ୍ଦିର ମୁଖ୍ୟ ପୃଷ୍ଠପୋଷକ ତଥା ଇମାମୀ ଗ୍ରୁପ୍‌ର ଅନ୍ୟତମ ନିର୍ଦ୍ଦେଶକ ସୁଶୀଲ କୁମାର ଗୋୟେଙ୍କା ଯୋଗଦେଇ ସମସ୍ତ କାର୍ଯ୍ୟ ପ୍ରତ୍ୟକ୍ଷ ତଦାରଖ କରିଥିଲେ। ସ୍ଥାନୀୟ ଇମାମୀ କାଗଜକଳର ବରିଷ୍ଠ ସଭାପତି ଆଶିଷ ଅବିନାଶ ଗୁପ୍ତା, ଉପସଭାପତି ଚନ୍ଦ୍ରେଶ ଗୁପ୍ତା, ବରିଷ୍ଠ ଉପସଭାପତି ଇଂ. ରାଜେଶ କୁମାର ମିତ୍ତଲ, ମୁଖ୍ୟ ପରିଚାଳକ ଡ. ୟୁସୁଫ୍ ଅଲ୍ଲୀ ସୋଲାଙ୍କି, ଡିଜିଏମ୍ ଦେବବ୍ରତ ହୋତା, ଡିଜିଏମ୍ (ଲ୍ୟାବ୍ ଆଣ୍ଡ୍ କ୍ୱାଲିଟି କଣ୍ଟ୍ରୋଲ୍) ରମେଶ ଚନ୍ଦ୍ର ଖୁଣ୍ଟିଆ, ମନ୍ଦିର ପ୍ରଶାସନିକ ଅଧିକାରୀ, ମୁଖ୍ୟ ପୂଜକ ପ୍ରଦୀପ୍ତ ମିଶ୍ର ତଥା ମନ୍ଦିର ପରିଚାଳନା କମିଟି ସଦସ୍ୟ ଏବଂ ଇମାମୀ କଲୋନୀ ଲେଡିଜ୍ କ୍ଲବ୍‌ର ସମସ୍ତ ସଦସ୍ୟା ପ୍ରମୁଖ ଉପସ୍ଥିତ ରହି ପ୍ରତ୍ୟହ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ଚଳିତମାସ ୧୦ତାରିଖଠାରୁ ଆରମ୍ଭ ହୋଇଥିଲା। ଉକ୍ତ ଦିନ ଅକ୍ଷୟତୃତୀୟା ଉତ୍ସବ ଉପଲକ୍ଷେ ୮ଟା ୩୦ରେ ଶ୍ରୀମଦନମୋହନ, ମାତା ଶ୍ରୀଦେବୀ ଏବଂ ଭୂଦେବୀ ରଥଖଳା ପରିଦର୍ଶନ କରିଥିଲେ। ଏହି ସମୟରେ ଶଙ୍ଖ, ଘଣ୍ଟା, ଘଡ଼ି, ମୃଦଙ୍ଗ ଓ 'ଜୟ ଜଗନ୍ନାଥ' ଧ୍ୱନିରେ ପ୍ରକମ୍ପିତ ହୋଇଥିଲା। ୯ଟା ୩୦ରେ ପ୍ରତ୍ୟହ ରଥଖଳା ପୂଜା ଓ ହଭନ ହୋଇଥିଲା। ସେହିପରି ପ୍ରତ୍ୟହ ସନ୍ଧ୍ୟା ୬ଟା ୪୫ରେ ସନ୍ଧ୍ୟା ଆରତୀ, ସନ୍ଧ୍ୟା ୭ଟା ୩୦ରେ ଶ୍ରୀମଦନମୋହନ, ମାତା ଶ୍ରୀଦେବୀ ଓ ଭୂଦେବୀଙ୍କର ବେଢ଼ା ପରିକ୍ରମା, ୭ଟା ୪୫ରେ ସ୍ନାନପୂଜା, ନରେନ୍ଦ୍ର ପୋଖରୀରେ ଶୀତଳ ଏବଂ ମଣ୍ଡୁଆ ଭୋଗ ତଥା ନୌକା ବିହାର ଅନୁଷ୍ଠିତ ହୋଇଆସିଛି। କାର୍ଯ୍ୟକ୍ରମରେ ପ୍ରତ୍ୟହ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଥିବା ପରିଲକ୍ଷିତ ହୋଇଥିବା ବେଳେ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଜାରି ରହିଛି। ଅନ୍ୟପକ୍ଷରେ ଆସନ୍ତା ଜୁନ୍ ୨୨ରେ ମହାସ୍ନାନ ଅଣସର ନୀତି ଏବଂ ଜୁଲାଇ ୭ରେ ହେବାକୁ ଥିବା ମହାପ୍ରଭୁଙ୍କର ରଥଯାତ୍ରାରେ ବହୁସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗଦେବା ନିମନ୍ତେ ମନ୍ଦିର ପ୍ରଶାସନ ପକ୍ଷରୁ ମନୋଜ କୁମାର ପାଢ଼ୀ ନିବେଦନ କରିଛନ୍ତି। ମହାସ୍ନାନ ଓ ଅଣସର ନୀତି ସହ ମହାପ୍ରଭୁଙ୍କ ରଥଯାତ୍ରା ନିମନ୍ତେ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଥିବା ଜଣାପଡ଼ିଛି।



ଇମାମୀନଗରରେ ପୂଜା ପାଉଥିବା ତିନି ଠାକୁର।

## ଭାଜପା ଛାଡି ବିଜେଡିରେ ମିଶିଲେ ମଣ୍ଡଳ ସଭାପତି



ଶଶି ସାହୁଙ୍କ ସହ ବିଜେଡିରେ ମିଶିଥିବା ମଣ୍ଡଳ ସଭାପତି ଓ ତାଙ୍କର ସମର୍ଥକ।

**ଖଇରା, ୨୪।୫(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନମଣ୍ଡଳୀ ଅଧୀନ ଭାଜପାର ଖଇରା ମଣ୍ଡଳ ସଭାପତି ରାଜେଶ କୁମାର ରାଉତ ଗତ ୨୧ତାରିଖରେ ଦଳ ଛାଡିବା ପରେ ଶୁକ୍ରବାର ବିଜେଡିରେ ଯୋଗ ଦେଇଛନ୍ତି। କୁରୁଣ୍ଟାଠାରେ ଆୟୋଜିତ ମିଶ୍ରଣ ପର୍ବରେ ବିଜେଡି ନେତା ଶଶିକୁମାର ସାହୁ, ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣିଭଦ୍ର ବେହେରା, କୈଳାସ ମହାପାତ୍ର, ସନାତନ ପାତ୍ର, ଇନ୍ଦ୍ରମଣି ବେହେରା, ମୃଷା ଲେଙ୍କା, ସୁଦର୍ଶନ ଲେଙ୍କା, ହରେକୃଷ୍ଣ ମହାପାତ୍ର, ନରେନ୍ଦ୍ର ବାରିକ, ମହେନ୍ଦ୍ର ବେହେରାଙ୍କ ସମେତ ବହୁ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ମଣ୍ଡଳ ସଭାପତିଙ୍କ ଦଳ ଛାଡିବା ସମ୍ପର୍କରେ ବିଧାୟକ ପ୍ରାର୍ଥୀ ପଦ୍ମଲୋଚନ ପଣ୍ଡାଙ୍କ ପ୍ରତିକ୍ରିୟା ନେବାରେ ସଭାପତିଙ୍କ ଆଚରଣକୁ ନେଇ ଦଳୀୟ କର୍ମୀମାନେ ଅସନ୍ତୁଷ୍ଟ ଥିଲେ। ତାଙ୍କର ଦଳ ଛାଡିବା ଦଳ ଉପରେ କୌଣସି ପ୍ରଭାବ ପକାଇବ ନାହିଁ, ବରଂ ୪ ନମ୍ବର ଜୋନରେ ଭାଜପାର ସ୍ଥିତି ଆହୁରି ସୁଦୃଢ ହେବ।

## ସମ୍ଭାବ୍ୟ ବର୍ଷା ପାଇଁ ଜିଲାପାଳଙ୍କ ସମୀକ୍ଷା

**ବାଲେଶ୍ୱର, ୨୪।୫(ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ଜରୁରୀକାଳୀନ ବିଭାଗ ପକ୍ଷରୁ ଆସନ୍ତା ୨୫ ଓ ୨୬ ତାରିଖରେ ହେବାକୁ ଥିବା ସମ୍ଭାବ୍ୟ ବର୍ଷା ପାଇଁ ଜାରି କରାଯାଇଥିବା ପାଣିପାଗ ସତର୍କ ସୂଚନାକୁ ଦୃଷ୍ଟିରେ ରଖି ଶୁକ୍ରବାର ଆଭାସୀ ମାଧ୍ୟମରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶିଷ ଠାକ୍‌ରେ ଅଧ୍ୟକ୍ଷତା କରି ନାଗରିକଙ୍କ ସୁରକ୍ଷା ପାଇଁ ସମସ୍ତ ସକ୍ରିୟ ପଦକ୍ଷେପ ନେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ଜରୁରୀକାଳୀନ ଅପରେଶନ ସେଣ୍ଟର, ବ୍ଲକ, ତହସିଲ ଏବଂ ସମସ୍ତ ଲାଇନ ବିଭାଗର କଣ୍ଟ୍ରୋଲ ରୁମ୍‌ର ୨୪/୭ କାର୍ଯ୍ୟକାରିତା ଦିଗରେ ଜିଲାପାଳ ସମୀକ୍ଷା କରିଥିଲେ। ଅତ୍ୟାବଶ୍ୟକ ଔଷଧ ମହଜୁଦ ରଖିବା, ଆବଶ୍ୟକସ୍ଥଳେ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦେବା ପାଇଁ ଅତିରିକ୍ତ ଡାକ୍ତରୀ ଦଳ ନିୟୋଜିତ କରିବା ସହିତ ଆବଶ୍ୟକ ବ୍ୟବସ୍ଥା କରିବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବର୍ଷା ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ସତର୍କତାମୂଳକ ପଦକ୍ଷେପ ନେବାକୁ ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଏନଓଡିଏଲକୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରାମୀଣ ଜଳଯୋଗାଣ ଏବଂ ପରିମଳ ଓ ଜନସ୍ୱାସ୍ଥ୍ୟ ବିଭାଗକୁ ଜଳ ଉତ୍ସ ଉପରେ ତୀକ୍ଷ୍ଣ ନଜର ରଖିବା ସହ ନିରାପଦ ପାନୀୟ ଜଳ ଉପଲବ୍ଧତାକୁ ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ସମୀକ୍ଷା ବୈଠକରେ ସମ୍ପୃକ୍ତ ବିଭାଗକୁ ସତର୍କ ରହିବା ସହିତ ବର୍ଷା ଯୋଗୁ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ ବିପଦକୁ ହ୍ରାସ କରିବା ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ଏବଂ ଅଗ୍ନିଶମ, ସ୍ୱାସ୍ଥ୍ୟ, ଟିପିଏନଓଡିଏଲ ଓ ଜନସ୍ୱାସ୍ଥ୍ୟ ବିଭାଗ ଭଳି ବିଭାଗର ବରିଷ୍ଠ ଅଧିକାରୀଗଣ ଯୋଗଦେଇଥିଲେ।

## ପ୍ରଣାମ ମନୁଷ୍ୟ ଜୀବନର ଗତିପଥକୁ ବଦଳାଇ ଦିଏ



ଅତିଥିମାନଙ୍କ ଗହଣରେ ପଣ୍ଡିତ ବୀରେନ୍ଦ୍ର ପଣ୍ଡା ସୂଚନା ପ୍ରଦାନ କରୁଛନ୍ତି।

### ଆଧ୍ୟାତ୍ମିକ ଚିନ୍ତା ଚେତନା ପରିଷଦର ବାର୍ଷିକ ଉତ୍ସବ

**ସିମୁଳିଆ, ୨୪।୫(ସନ୍ତୋଷ ନାୟକ)**

ପବିତ୍ର ବୁଦ୍ଧ ପୂର୍ଣ୍ଣିମା ଅବସରରେ ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅଧୀନ କଳସପୁର 'ଆଧ୍ୟାତ୍ମିକ ଚିନ୍ତା ଚେତନା ପରିଷଦ'ର ୧୪ତମ ବାର୍ଷିକ ଉତ୍ସବ ଗୁରୁବାର ଦିବସବ୍ୟାପୀ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସକାଳ ୮ଟାରେ ଶ୍ରୀମଦ୍ ଭଗବତ ଗୀତା ପରାୟଣ ଓ ସନ୍ଧ୍ୟାରେ ପ୍ରବଚକମାନଙ୍କ ଦ୍ୱାରା 'ମନୁଷ୍ୟ ଜୀବନରେ ଆଧ୍ୟାତ୍ମିକ ଜ୍ଞାନର ଆବଶ୍ୟକତା' ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବେଦ ପୀୟୁଷର ସମ୍ପାଦକ ପଣ୍ଡିତ ବିରେନ୍ଦ୍ର ପଣ୍ଡା 'ଧର୍ମ ଓ କର୍ମ' ଶୀର୍ଷକରେ ଅଲୋଚନା କରି ପାଶ୍ଚାତ୍ୟ ସଭ୍ୟତାର ଅନୁସରଣ ନ କରି ମହାନ ଭାରତୀୟ ସଂସ୍କୃତିକୁ ଆପଣାଇବା ସହିତ ପ୍ରତ୍ୟେକ ଦିନ ମାତାପିତାଙ୍କୁ ଦୁଇଥର ପ୍ରଣାମ କରିବା ଦ୍ୱାରା ଧର୍ମ ଓ କର୍ମର ପଥ ବଦଳିଯାଏ, ସର୍ବୋପରି ପ୍ରଣାମ ମନୁଷ୍ୟ ଜୀବନର ଗତିପଥକୁ ବଦଳାଇ ଦେଇଥାଏ ବୋଲି କହିଥିଲେ। ସେହିପରି ପ୍ରବଚକ ମୁନି ହୃଷିକେଶ ପାଢୀ 'ବ୍ରହ୍ମ ତତ୍ତ୍ୱ ଓ ଶରୀର ତତ୍ତ୍ୱ' ଶୀର୍ଷକରେ ଆଲୋଚନା କରି ଶରୀରର ସୁପରିଚାଳନା ଦ୍ୱାରା ବ୍ରହ୍ମର ଅନୁଭବ ମଣିଷ ଜୀବନରେ ସାର୍ଥକତା ଭରିଦିଏ ବୋଲି କହିଥିଲେ।

ଅନୁଷ୍ଠାନ ସମ୍ପାଦକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବସନ୍ତ କୁମାର ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପରିଷଦ ସଭାପତି ରାଜେନ୍ଦ୍ର କୁମାର ଲେଙ୍କା ମଞ୍ଚ ଆହ୍ୱାନ, ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ରୂପେ ପଣ୍ଡିତ ବିରେନ୍ଦ୍ର ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସୋମନାଥ ମିଶ୍ରଙ୍କ ଦ୍ୱାରା ବେଦପାଠ, ସୁଶ୍ରୀ ସ୍ୱର୍ଣ୍ଣପ୍ରଭା ମିଶ୍ର ଓଡିଶୀ ନୃତ୍ୟ ପରିବେଷଣ ଓ ନିଲୁ ନାୟକ ଜଗନ୍ନାଥ ଜଣାଣ ପରିବେଷଣ କରିଥିଲେ। ମଠ ସହିତ ଆଧ୍ୟାତ୍ମିକ ପରିଷଦର ସଂପୃକ୍ତି ବିବରଣୀ ସମ୍ପର୍କରେ ଶରତ କୁମାର ନାୟକ ସୂଚନା ପ୍ରଦାନ ଓ କୈଳାସ ଚନ୍ଦ୍ର ମହାକୁଡ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂତନ କର୍ମୀଙ୍କୁ ସ୍ୱାଗତ କଲେ ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର

**ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୨୪।୫**

ବାଲେଶ୍ୱର ଜିଲା ବସ୍ତା ନିର୍ବାଚନମଣ୍ଡଳୀ ବାଲିଆପାଳ ପଞ୍ଚାୟତରେ ଥିବା ଭାଜପା କାର୍ଯ୍ୟାଳୟରେ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶଭିତ୍ତିକ ଯୋଜନାରେ ଅନୁପ୍ରାଣିତ ହୋଇ ଓ ବସ୍ତା ନିର୍ବାଚନ ମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥୀଙ୍କ ସେବା ମନୋଭାବରେ ଅନୁପ୍ରାଣିତ ହୋଇ ନୂତନ ଭାବେ ଦଳରେ ଯୋଗଦେଇଥିବା କର୍ମୀମାନଙ୍କୁ ବସ୍ତା ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ଅଣ୍ଡିଆ ଯୋଗଦେଇ ଦଳୀୟ ଉତ୍ତରୀୟ, ଟୋପି ଦେଇ ସ୍ୱାଗତ କରିଥିଲେ। ବିଭିନ୍ନ ପଞ୍ଚାୟତରୁ ୪୦୦ ରୁ ୫୦୦ ସଦସ୍ୟ ଅନ୍ୟ ଦଳ ଛାଡ଼ି ଭାଜପାରେ ସାମିଲ ହୋଇଥିବା ଦେଖି ଭାବବିହ୍ୱଳ ହୋଇ ମିଶ୍ରଣ ପର୍ବ, ମୋ ପାଇଁ ଆର୍ଶୀବାଦ ସଦୃଶ ବୋଲି କହିଥିଲେ। ଅରବିନ୍ଦ ବେହେରା, ପର୍ଶୁରାମ ପରିଡ଼ା, ଗୌରବ ଅଣ୍ଡିଆ, ମାନସ ଦାସ, କମଳଲୋଚନ ଦତ୍ତ, ପ୍ରଫୁଲ୍ଲ ଦାସ, ଲମ୍ବୋଦର ମାହାନା ଓ ହେମନ୍ତ ଦାସ ପ୍ରମୁଖ ଯୋଗଦେଇଥିଲେ।

ସେହିପରି ସାହାଡ଼, ଜମ୍ବିରାଇ ଏବଂ ଡଗରା ପଞ୍ଚାୟତରେ ମଧ୍ୟ ନିର୍ବାଚନୀ ସଭା ଏବଂ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ପ୍ରାର୍ଥୀ ପ୍ରତାପ ଷଡ଼ଙ୍ଗୀ ଏବଂ ରବୀନ୍ଦ୍ର ସମସ୍ତ ଜନସାଧାରଣଙ୍କୁ ପଦ୍ମ ଫୁଲରେ ଭୋଟ ଦେବା ପାଇଁ ନିବେଦନ କରିବା ସହିତ ଡବଲ୍ ଇଞ୍ଜିନ ସରକାର ଗଢ଼ିବା ପାଇଁ ଲୋକଙ୍କୁ ନିବେଦନ କରିଛନ୍ତି। ପ୍ରତ୍ୟେକ ପଞ୍ଚାୟତର ବହୁ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ରହି ଏହି ମିଶ୍ରଣ ପର୍ବରେ ସହଯୋଗ କରିଥିଲେ।




ଭାଜପାର ମିଶ୍ରଣ ପର୍ବ।

## ହରପାର୍ବତୀଙ୍କ ବିବାହ ନିମନ୍ତେ ଲଗ୍ନଧରା

**ବାହାନଗା, ୨୪।୫(ଅରୂପ କୁମାର ଦାସ)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅଞ୍ଜି ପଞ୍ଚାୟତ ଖରିଦା ଗ୍ରାମରେ ଥିବା ବିଶାଳ ପୋଖରୀ ଆଡିରେ ଶକ୍ତିପୀଠ ହରପାର୍ବତୀଙ୍କ ବିବାହ ନିମନ୍ତେ ଲଗ୍ନଧରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କନ୍ୟାପିତା ଭାବେ ଜୟୀନଗର ଗ୍ରାମର ନରହରି ନାୟକ ଓ ବରପିତା ଭାବେ ଖରିଦା ଗ୍ରାମର ଜଗଦୀଶ ଓଝା କାର୍ଯ୍ୟ ତୁଲାଉଛନ୍ତି। ଉଭୟ ଦେବଦମ୍ପତିଙ୍କ ବିବାହ ନିମନ୍ତେ ଲଗ୍ନଧରା କାର୍ଯ୍ୟ ତୁଲାଇଥିଲେ। ଲଗ୍ନଧରାରେ କନ୍ୟାପିତା ନରହରି ନାୟକ ଯୌତୁକ ବାବଦରେ ୨ହଳ ଶଣ୍ଢ, ୧୨ହଳ ନାଗନାଗୁଣୀ, ୩ ଏକର ଶ୍ମଶାନ ଜମି ଦେବା ପାଇଁ ଶପଥ ନେଇଥିଲେ। ଏଥିରେ ପଣ୍ଡିତ ଗୟାଧର ଶତପଥି, ଗଦାଧର ଶତପଥି, ରାଜେଶ ପତି ପ୍ରମୁଖ ୪ଜଣ ପଣ୍ଡିତ କାର୍ଯ୍ୟ ତୁଲାଇଥିଲେ। ନିକଟସ୍ଥ ମା' ମଙ୍ଗଳାଙ୍କଠାରୁ ଅଜ୍ଞାମାଳ ଆସିବା ପରେ ଲଗ୍ନଧରା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଆସନ୍ତା ଜୁନ୍ ୧୧ତାରିଖରେ ଦେବଦମ୍ପତିଙ୍କ ବିବାହ ଉତ୍ସବ ଆଡମ୍ବରରେ ପାଳନ ହେବ ବୋଲି ସ୍ଥିର ହୋଇଛି। ଏଥିରେ ଶକ୍ତିପୀଠ କମିଟି ସଭାପତି ପ୍ରଫୁଲ୍ଲ ନାୟକ, ସମ୍ପାଦକ କୈଳାସ ଚନ୍ଦ୍ର ପାଣିଗ୍ରାହୀ ଏବଂ ଖରିଦା ଜୟନଗର ଗ୍ରାମବାସୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଦେବଦମ୍ପତିଙ୍କ ବିବାହ ନିମନ୍ତେ ଲଗ୍ନଧରା କାର୍ଯ୍ୟକ୍ରମ ଦେଖିବା ପାଇଁ ଆଖପାଖ ଅଞ୍ଚଳ ତଥା ଅଞ୍ଜି, କୁରୁଡା, କବିରିପୁର ଓ ରମଧା ଆଦି ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ।

## ୨ ନାବାଳକଙ୍କୁ ସହାୟତା ନିବେଦନ

### ମା' ଛାଡ଼ି ଚାଲିଯାଇଥିଲେ, ବାପାଙ୍କ ଅକାଳ ବିୟୋଗ

**ପାଟଣା,୨୪।୫(ବୀରକିଶୋର ଦାଶ):** ଏକ ମାସ ହେବ ଜନ୍ମକଲା ମା' ସମସ୍ତ ସ୍ନେହ ମମତା ଭୁଲି କେଉଁଆଡ଼େ ଚାଲିଗଲେ। ବାପା ସମସ୍ତ ଦାୟିତ୍ୱ ନେଇ ପିଲାଙ୍କ ଲାଳନପାଳନ କରୁଥିଲେ। ମାତ୍ର ବାପାଙ୍କର ମଧ୍ୟ ରୋଗରେ ଆକ୍ରାନ୍ତ ହୋଇ ଅକାଳ ବିୟୋଗ ଘଟିଲା। ଅଭାବନୀୟ ଘଟଣା ଘଟିଛି କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ପାଟଣା ପଞ୍ଚାୟତ ମଙ୍ଗଳପୁର ଗ୍ରାମ ଲେଖେନା ସାହିର ରାଘବ ମୁଣ୍ଡା (୪୮)ଙ୍କ ପରିବାରରେ। ରାଘବଙ୍କ ମୃତ୍ୟୁ ପରେ ତାଙ୍କର ୨ ନାବାଳକ ପୁଅ ଅନାଥ ହୋଇଯାଇଛନ୍ତି।

ସୂଚନା ଅନୁଯାୟୀ, ରାଘବଙ୍କ ସ୍ତ୍ରୀ ୧ ମାସ ପୂର୍ବେ ଘର ଛାଡ଼ି କେଉଁଆଡ଼େ ଚାଲି ଯାଇଥିଲେ। ଏହା ପରେ ରାଘବଙ୍କ ଦେହ ଅସୁସ୍ଥ ହୋଇଥିଲା। ମଙ୍ଗଳବାର ଗୁରୁତର ହେବାରୁ ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ବୁଧବାର ବିଳମ୍ବିତ ରାତିରେ ରାଘବଙ୍କର ମୃତ୍ୟୁ ଘଟିଛି। ରାଘବଙ୍କ ମୃତ୍ୟୁ ପରେ ତାଙ୍କର ୨ ନାବାଳକ ପୁଅ ଅଶୋକ ମୁଣ୍ଡା (୧୧) ଓ ପ୍ରଦୀପ ମୁଣ୍ଡା (୯) ଅନାଥ ହୋଇଯାଇଛନ୍ତି। ଦୁହେଁ ଯଥାକ୍ରମେ ୪ର୍ଥ ଓ ୨ୟ ଶ୍ରେଣୀରେ ମଙ୍ଗଳପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଛନ୍ତି। ନାବାଳକଙ୍କ ପାଖରେ ବାପାଙ୍କ ଶୁଦ୍ଧିକ୍ରିୟା କରିବାକୁ ସମ୍ବଳ ନ ଥିବା ବେଳେ ଏମାନଙ୍କ ଭବିଷ୍ୟତ ଗଠନ ନେଇ ଚିନ୍ତା କରିବାକୁ ବି କେହି ନାହାନ୍ତି। ଏଭଳି ସ୍ଥଳେ ନିଷ୍ପାପ ନାବାଳକଙ୍କ ଭବିଷ୍ୟତ କିଭଳି ଗଠନ ହେବ ଏ ନେଇ ଗ୍ରାମବାସୀ ଚିନ୍ତାରେ ପଡ଼ିଛନ୍ତି। ସରକାରଙ୍କ ନିକଟରେ ରାଘବଙ୍କ ୨ ପିଲାଙ୍କୁ ଥଇଥାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଗାଁ ଲୋକେ ରାଘବ ଯକ୍ଷ୍ମାରେ ଆକ୍ରାନ୍ତ ହୋଇଥିବା କହୁଛନ୍ତି। ଏ ନେଇ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ଡା. ଶୁଭେନ୍ଦୁ ସାଗର ନାଏକ କହିଛନ୍ତି, ତାଙ୍କର ଟିବିରେ ନେଗେଟିଭ ଥିଲା, କିନ୍ତୁ ସେ ରକ୍ତ ହୀନତା ରୋଗରେ ଆକ୍ରାନ୍ତ ହୋଇ ଗୁରୁତର ଅବସ୍ଥାରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ।

## ରୋଟାରୀ କ୍ଲବ୍ ଗ୍ରୀନର କାର୍ଯ୍ୟ ସମୀକ୍ଷାକଲେ ଗଭର୍ନର

**କେନ୍ଦୁଝର,୨୪।୫(ନରେଶ ଚନ୍ଦ୍ର ପଟ୍ଟନାୟକ)**

ରୋଟାରୀ କ୍ଲବ୍ ଗଭର୍ନର ଜୟଶ୍ରୀ ମହାନ୍ତି ବୁଧବାର କେନ୍ଦୁଝର ଗସ୍ତରେ ଆସି ରୋଟାରୀ କ୍ଲବ୍ କେନ୍ଦୁଝର ଗ୍ରୀନର କାମକାର୍ଯ୍ୟ ସମୀକ୍ଷା କରିଥିଲେ। ଏହି ଅବସରରେ ନୂତନ ଭାବେ ଯୋଗ ଦେଇଥିବା ସଦସ୍ୟ ଡ. ବିଦ୍ୟାଧର ବେହେରା, ଜଗନ୍ନାଥ ସିଂଦେଓ, ବବିତା ରାମ, ଜ୍ୟୋତିରଞ୍ଜନ ମହାପାତ୍ର, ହରିହର ଦାସ, ମନୋରଞ୍ଜନ ବୋଷ ସପଥ ଗ୍ରହଣ କରିଥିଲେ। କ୍ଲବ୍ ସଭାପତି ସୁଧାଂଶୁ ପଟ୍ଟନାୟକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ଆସିଷ୍ଟାଣ୍ଟ ଗଭର୍ନର ପ୍ରଣତି ମହାପାତ୍ର, ଦିଲୀପ ସାହୁ, ଅନିରୁଦ୍ଧ ଶା ଉପସ୍ଥିତ ଥିଲେ।






